# ସ୍ୱର ଓ ସ୍ୱାକ୍ଷର

## ଓଡ଼ିଆ କଳାକାରଙ୍କ ସ୍ୱର(OKS)ର 'ତୃତୀୟ ସଙ୍କଳନ'

**ମୁଖ୍ୟ ଉପଦେଷ୍ଟା**

ଶ୍ରୀଯୁକ୍ତ ନିଶିକାନ୍ତ ମିଶ୍ର : (ସି.ଏମ୍.ଡି.) ଟିମ୍ ଗ୍ରୁପ୍ ଅଫ କମ୍ପାନୀ

**ଉପଦେଷ୍ଟା ମଣ୍ଡଳୀ**

ଶ୍ରୀଯୁକ୍ତ ମାନସ କୁମାର ଗଡ଼ନାୟକ(ଓ.ପ୍ର.ସେ.) : ଏଡିସିପି, ଭୁବନେଶ୍ୱର
ଶ୍ରୀଯୁକ୍ତ ପ୍ରଣବ ଦାସ : ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନିର୍ମାତା
ଶ୍ରୀଯୁକ୍ତ ହରିଶ୍ ମହାନ୍ତି : ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ
ଶ୍ରୀଯୁକ୍ତ ପରମେଶ୍ୱର ଦାସ : ପ୍ରଯୋଜକ, ସାମ୍ବାଦିକ ଓ ସମାଜସେବୀ
ଶ୍ରୀଯୁକ୍ତ ଦୈତାରୀ ପଣ୍ଡା : ବରିଷ୍ଠ ଯାତ୍ରା କଳାକାର
ପିଙ୍କି ପ୍ରଧାନ : ଅଭିନେତ୍ରୀ ଓ ରାଜନେତ୍ରୀ
ଶ୍ରୀଯୁକ୍ତ ଶ୍ରୀତମ ଦାସ : ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ
ଶ୍ରୀଯୁକ୍ତ ଦେବୁ ପଟ୍ଟନାୟକ : ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ
ଶ୍ରୀଯୁକ୍ତ ସୁଧାଂଶୁ ଶେଖର ରାଉତ : ପ୍ରତିଷ୍ଠାତା ଓ ମୁଖ୍ୟ ସମ୍ପାଦକ, ଫୋକସ୍ ପ୍ଲସ ଟିଭି
ଶ୍ରୀଯୁକ୍ତ ବାପୁ ଓଝା : ସାମାଜିକ କର୍ମୀ
ଡ. ଋଷି ପଟ୍ଟନାୟକ : ଜାତୀୟ ପୁରସ୍କାରପ୍ରାପ୍ତ ସମାଜ ବିଜ୍ଞାନୀ ଓ ଅଭିନେତା
ତ୍ରିଲୋଚନ ରଥ : ଆଡଭୋକେଟ

**ମୁଖ୍ୟ ସମ୍ପାଦକ** : ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ପଣ୍ଡା

**ସମ୍ପାଦନା ମଣ୍ଡଳୀ** : ଶ୍ରୀଯୁକ୍ତ ଶ୍ରୀଧର ମାର୍ଥା
ଶ୍ରୀଯୁକ୍ତ ସୁଶାନ୍ତ କୁମାର ଶତପଥି
ଶ୍ରୀମତୀ ଲିପିକା ମହାନ୍ତି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ
ଶ୍ରୀଯୁକ୍ତ ବରଦା ପ୍ରସନ୍ନ ପାତ୍ର

**ଅକ୍ଷର ସଜ୍ଜା ଓ ମୁଦ୍ରଣ** : ପି.କେ. ରିପୋଗ୍ରାଫିକ୍ସ, ଭୁବନେଶ୍ୱର

ପତ୍ରିକାର ମୂଲ୍ୟ : ଟ.୧୫୦/- ମାତ୍ର

# ଓଡ଼ିଆ କଳାକାରଙ୍କ ସ୍ୱର (OKS) ପରିବାରର ମହତ୍ କାର୍ଯ୍ୟ

ଆମ ପରିବାରର ଯୁବ ନିର୍ଦ୍ଦେଶକ ৺ ଦିଲ୍ଲିପ କୁମାର ଦାସଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଓଡ଼ିଆ କଳକାରଙ୍କ ସ୍ୱର (OKS) ଦ୍ୱାରା **United Insurance India Co. Ltd.** ତରଫରୁ ତାଙ୍କ ବାପା ନାରାୟଣ ଦାସଙ୍କୁ ୧ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରାଯାଇଥିଲା ।



**ବି.ଦ୍ର.:** ପ୍ରତ୍ୟେକ ବର୍ଷ, ପ୍ରତ୍ୟେକ ସକ୍ରିୟ କଳାକାରମାନଙ୍କୁ ଏକ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବୀମା ପ୍ରଦାନ କରାଯାଇଥାଏ। ୨୦୨୪ ମସିହା ୧୦୦ଜଣ କଳକାରଙ୍କ ପାଇଁ ପାଖାପାଖି ୧ କୋଟି ଟଙ୍କାର ବୀମା ପ୍ରଦାନ କରାଯାଇଥିଲା ।

## OKS CALENDER (HOLIDAYS)

Lock the above Date

- 24th July - KALAKAR DIVAS
- PURI VISIT - 1st Thursday of December Every Year
- PICNIC - 1st Wednesday of January Every Year
- HOLI
- 26th JANUARY
- 15th AUGUST

BHIM UPI PAYMENT ACCEPTED
SCAN QR CODE TO PAY
ODIA KALAKARANKA SWARA

**Dontation ପାଇଁ ଏହି QR Codeକୁ Scan କରନ୍ତୁ, UPI ID କିମ୍ବା A/c No. ବ୍ୟବହାର କରନ୍ତୁ**

**UCO Bank A/c No.: 32600110097977**
**IFSC Code: UCBA0003260**

Or Pay to UPI ID
**9437397123@ucobank**

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

Dr. Hari Babu Kambhampati
Governor, Odisha

सत्यमेव जयते

LOK BHAVAN
BHUBANESWAR - 751 008



ନଂ : ୪୯୦ / ୨୦୨୬

ତା: ୧୪ ଜୁଲାଇ ୨୦୨୬

# ବାର୍ତ୍ତା

ଓଡ଼ିଶାର ବିଭିନ୍ନ ବର୍ଗର କଳାକାରମାନଙ୍କୁ ନେଇ ଗଠିତ ମହାସଂଘ "ଓଡ଼ିଆ କଳାକାରଙ୍କ ସ୍ୱର" ଆନୁକୂଲ୍ୟରେ ୨୦୨୬ ଜୁଲାଇ ୨୪ ତାରିଖରେ "ରାଜ୍ୟସ୍ତରୀୟ କଳାକାର ଦିବସ" ପାଳନ ହେଉଥିବା ଜାଣି ଖୁସି ହେଲି । ଏହି ଅବସରରେ ତୃତୀୟ ବାର୍ଷିକ ପତ୍ରିକା ଉନ୍ମୋଚନ ହେବା ଆନନ୍ଦର ବିଷୟ ।

କଳା ଓ ସଂସ୍କୃତି ଗୋଟିଏ ଜାତିର ଆଧାର ଓ ସମାଜର ଭିତ୍ତିଭୂମି । ସାମଗ୍ରିକ ବିକାଶ ପାଇଁ ଅର୍ଥନୈତିକି ଅଭିବୃଦ୍ଧି ସହ କଳା ସଂସ୍କୃତିର ବିକାଶ ଏକାନ୍ତ ଆବଶ୍ୟକ । ଓଡ଼ିଶାର କଳାକାରମାନେ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟର କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ମହନୀୟ ଭୂମିକା ଗ୍ରହଣ କରି ଆସିଛନ୍ତି । "ଓଡ଼ିଆ କଳାକାରଙ୍କ ସ୍ୱର" ଅନୁଷ୍ଠାନ ରାଜ୍ୟର ବିଭିନ୍ନ ବର୍ଗର କଳାକାର ମାନଙ୍କୁ ସଂଗଠିତ କରି "କଳାକାର ଦିବସ" ପାଳନ କରିବା ଏକ ପ୍ରଶଂସନୀୟ ପଦକ୍ଷେପ । ଏହି କାର୍ଯ୍ୟକ୍ରମ ଅତୀତର ମୂଲ୍ୟାଙ୍କନ କରି ଭବିଷ୍ୟତ ପାଇଁ ମାର୍ଗନିର୍ମାଣ କରିବାରେ ସହାୟକ ହେବ ବୋଲି ମୋର ଆଶା । କଳା ଓ କଳାକାରଙ୍କ ଉନ୍ନତି ସହ ରାଜ୍ୟର ଅନନ୍ୟ କଳା ସଂସ୍କୃତିକୁ ଅଧିକ ଋଦ୍ଧିମନ୍ତ କରିବା ଦିଗରେ ଅନୁଷ୍ଠାନ ଆଗାମୀ ଦିନରେ ଅଧିକ କ୍ରିୟାଶୀଳ ଭୂମିକା ଗ୍ରହଣ କରିବ ବୋଲି ମୋର ବିଶ୍ୱାସ ।

ଏହି ଅବସରରେ ସମସ୍ତ କଳାକାରଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମ ଓ ତୃତୀୟ ବାର୍ଷିକ ପତ୍ରିକା ଉନ୍ମୋଚନର ସର୍ବବିଧ ସଫଳତା କାମନା କରୁଛି ।

( ହରି ବାବୁ କମ୍ଭମପାଟି)

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପ ମୁଖ୍ୟମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ

ଦୂରଭାଷ : ୦୬୭୪-୨୫୩୬୬୪୨
ପି.ବି.ଏକ୍ସ. ନଂ. :
ମୋବାଇଲ ନଂ. :

ପତ୍ର ସଂଖ୍ୟା ......\......./ଉମୁମମଶିବିମିଶପ.

ଭୁବନେଶ୍ୱର

ତାରିଖ...୧୩/୦୪/୨୦୨୨........



# ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଆ କଳାକାରଙ୍କ ସ୍ୱର' ଅନୁଷ୍ଠାନ ପକ୍ଷରୁ **'କଳାକାର ଦିବସ'** ଅବସରରେ ଏକ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଅନୁଷ୍ଠାନର ତୃତୀୟ ବାର୍ଷିକ ପତ୍ରିକା **"ସ୍ୱର ଓ ସ୍ୱାକ୍ଷର"** ଉନ୍ମୋଚିତ ହେବାକୁ ଯାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ।

ଓଡ଼ିଶାର କଳା, ସଂସ୍କୃତି, ନାଟକ, ଅଭିନୟ, ସଙ୍ଗୀତ, ନୃତ୍ୟ, ବାଦ୍ୟ ଏବଂ ଲୋକକଳାର ସମୃଦ୍ଧ ପରମ୍ପରା ଆମ ସ୍ୱାଭିମାନର ପ୍ରତୀକ। ଆମ ରାଜ୍ୟର କଳାକାରମାନେ ନିଜର ନିଷ୍ଠା ଓ ସାଧନା ବଳରେ ଏହି ମହାନ ଐତିହ୍ୟକୁ ଜୀବନ୍ତ ରଖିବା ସହ ବିଶ୍ୱ ଦରବାରରେ ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ମୋର ଦୃଢ଼ ବିଶ୍ୱାସ, ପ୍ରକାଶ ପାଇବାକୁ ଥିବା ଏହି ବାର୍ଷିକ ପତ୍ରିକାଟି ଓଡ଼ିଶାର ବିଭିନ୍ନ ବର୍ଗର କଳାକାରମାନଙ୍କ ଅକୁଣ୍ଠ ଅବଦାନକୁ ଲୋକଲୋଚନକୁ ଆଣିବା ସହ ଓଡ଼ିଆ କଳା ଜଗତକୁ ଆହୁରି ସମୃଦ୍ଧ କରିବ।

ଏହି ଶୁଭ ଅବସରରେ ମୁଁ 'ଓଡ଼ିଆ କଳାକାରଙ୍କ ସ୍ୱର' ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ସଭ୍ୟ ଏବଂ ରାଜ୍ୟର ସମସ୍ତ କଳାକାର ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଉତ୍କଳ ମଣ୍ଡପରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବାର୍ଷିକ ପତ୍ରିକା ଉନ୍ମୋଚନ ଉତ୍ସବର ସର୍ବାଙ୍ଗୀନ ସଫଳତା କାମନା କରୁଛି।

ପ୍ରଭାତୀ ପରିଡ଼ା
ପ୍ରଭାତୀ ପରିଡ଼ା

**ସୂର୍ଯ୍ୟବଂଶୀ ସୂରଜ,**
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା



# ବାର୍ତ୍ତା

ଓଡ଼ିଆ କଳାକାରଙ୍କ ସ୍ୱାର (ଓକେଏସ୍) ଅନୁଷ୍ଠାନ ଆନୁକୂଲ୍ୟରେ ଜୁଲାଇ ୨୪ ତାରିଖରେ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ରାଜ୍ୟସ୍ତରୀୟ କଳାକାର ଦିବସ ମହାସମାରୋହରେ ପାଳନ ହେବା ସହ ସୁନାମଧନ୍ୟ କଳାକାର ଓ ବିଶିଷ୍ଟ ଗୁରୁମାନଙ୍କୁ ସମ୍ମାନୀତ କରୁଥିବା ଏବଂ ସ୍ମରଣିକା 'ସ୍ୱର ଓ ସ୍ୱାକ୍ଷର' ପ୍ରକାଶିକ କରିବାକୁ ଯାଉଥିବାରୁ ଜାଣି ମୁଁ ବିଶେଷ ଆନନ୍ଦିତ।

କଳା ଓ ସଂସ୍କୃତି ହେଉଛି ଗୋଟିଏ ସଭ୍ୟ ସମାଜର ପ୍ରାଣ ଓ ପରିଚୟ। କଳା ଓ ସଂସ୍କୃତି ରୁଚିସମ୍ପର୍ଣ୍ଣ ଓ ପରିମାର୍ଜିତ ହେଲେ ଗୋଟିଏ ସଭ୍ୟତାର ସମୁଚିତ ଅଭ୍ୟୁଦୟ ଘଟେ। ଏହି ମର୍ମକୁ ହୃଦୟଙ୍ଗମ କରି ଆପଣମାନେ କଳାକାରମାନଙ୍କର ସ୍ୱର ଓ ସ୍ୱାକ୍ଷରକୁ ଅଧିକ ଶାଣିତ ଓ ସାବଲୀଳ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ଓକେଏସ୍ ଅନୁଷ୍ଠାନ ପକ୍ଷରୁ ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିରର ଆୟୋଜନ ଏବଂ ୧୦୦ ଜଣ କଳାକାରଙ୍କୁ ଦୁର୍ଘଟଣାଜନିତ ବୀମା ପ୍ରଦାନ କରିବା ପ୍ରଶଂସନୀୟ ପଦକ୍ଷେପ। ଏଥି ପାଇଁ ମୁଁ ଅନୁଷ୍ଠାନକୁ ଆନ୍ତରିକ ସାଧୁବାଦ ଜ୍ଞାପନ କରୁଛି।

ରାଜ୍ୟସ୍ତରୀୟ କଳାକାର ଦିବସ ପାଳନ ଅବସରରେ ମୁଁ ଓକେଏସ୍ ଅନୁଷ୍ଠାନର ସଦସ୍ୟସଦସ୍ୟା, କଳାକାର ବନ୍ଧୁ ଓ ବିଶିଷ୍ଟ ଗୁରୁମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସ୍ମରଣିକା 'ସ୍ୱର ଓ ସ୍ୱାକ୍ଷର' ପ୍ରକାଶନର ସର୍ବସଫଳତା କାମନା କରୁଛି।

ସୂର୍ଯ୍ୟବଂଶୀ ସୂରଜ

(ସୂର୍ଯ୍ୟବଂଶୀ ସୂରଜ)

# Aparajita Sarangi

Member of Parliament
(Lok Sabha)
Bhubaneswar, Odisha

MEMBER:
- Committee on Public Accounts
- House Committee
- Standing Committee on Health & Family Welfare
- Standing Committee on External Affairs

सत्यमेव जयते

- Vice President - Inter Parlimentary Union (IPU)
- National Spokesperson, BJP
- Co-Incharge, Kerala State BJP
- Vice President - State BJP Odisha


Letter No : MPAS/ESTT/2026/5726 Date : 19/7/26



## ବାର୍ତ୍ତା

ମୁଁ ଜାଣି ଆନନ୍ଦିତ ଯେ ରସୁଲଗଡ଼ ସ୍ଥିତ **ଓଡ଼ିଆ କଳାକାରଙ୍କ ସ୍ୱର ଅନୁଷ୍ଠାନ** ପ୍ରତିବର୍ଷ ପରି ଏହି ବର୍ଷ **July 24** ତାରିଖ କୁ କଳାକାର ଦିବସ ଭାବେ ପାଳନ କରିବାକୁ ଯାଉଛନ୍ତି । ଏହି ଅବସରରେ ସେମାନଙ୍କର ବାର୍ଷିକ ମୁଖପତ୍ର **'ସ୍ୱର ଓ ସ୍ୱାକ୍ଷର'** ଉନ୍ମୋଚନ କରାଯିବାର ଲକ୍ଷ ରଖାଯାଇଛି । ପତ୍ରିକାଟି ଓଡ଼ିଶାର ବିଭିନ୍ନ ପ୍ରକାରର କଳା, ସଂସ୍କୃତି, ନାଟକ, ଅଭିନୟ, ନୃତ୍ୟ, ସଂଗୀତ, ବାଦ୍ୟ ତଥା ଲୋକକଳା ଉପରେ ଆଧାରିତ ।

ମୁଁ ନିଶ୍ଚିତ ଯେ ଏହି ପତ୍ରିକାର ପ୍ରକାଶନ ଓଡ଼ିଶାର କଳାକାର ମାନଙ୍କ ଜୀବନକୁ ସମୃଦ୍ଧ କରିବାରେ ସହାୟକ ହେବ । ଏହି ପୁଣ୍ୟ ଅବସରରେ ମୁଁ ଏହାର ସଭ୍ୟମାନଙ୍କୁ ସାଧୁବାଦ ଜଣାଇବା ସହ ଅନୁଷ୍ଠାନର ଦୀର୍ଘ ଜୀବନ କାମନା କରୁଛି ।

(ଅପରାଜିତା ଷଡ଼ଙ୍ଗୀ)
17/7/26


Delhi Ofice: 17, Windsor Place, New Delhi - 110 001
Bhubaneswar Office: A-56, Palaspalli, Bhubaneswar, Odisha - 751020 • Phone: (0674) 2592888
E-mail: mpbbsrls@gmail.com

**BABU SINGH,** M. L. A.
EKAMRA-BHUBANESWAR
ODISHA LEGISLATIVE ASSEMBLY

सत्यमेव जयते

Address :
Plot No. 900,
Jogeswar Patna,
Kapil Prasad, Sundarpada.
Ph. No. : 9778393414
Mail Id : babusinghbjp@gmail.com



# ବାର୍ତ୍ତା

ଓଡ଼ିଆ କଳାକାରଙ୍କ ସ୍ୱର, ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ୨୪/୭/୨୦୨୬ରେ ରାଜ୍ୟସ୍ତରୀୟ କଳାକାର ଦିବସ ପାଳନ କରାଯାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ। ଓଡ଼ିଶାର ବିଭିନ୍ନ କଳା ବୈଭବକୁ ପ୍ରଦର୍ଶନ କରିବା ପାଇଁ ବିଭିନ୍ନ ବର୍ଗର କଳାକାରମାନଙ୍କୁ ନେଇ ଉପରୋକ୍ତ ଦିବସରେ ଜୟଦେବ ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ନିଶ୍ଚିତ ଭାବରେ ପ୍ରଶଂସନୀୟ। ୨୦୨୧ ମସିହାଠାରୁ ରାଜ୍ୟର ସବୁ କଳାକାରମାନେ ପ୍ରତିବର୍ଷ ଜୁଲାଇ ୨୪ ତାରିଖକୁ କଳାକାର ଦିବସ ରୂପେ ପାଳନ କରିଆସୁଛନ୍ତି। ବାସ୍ତବରେ ଏଥିପାଇଁ ମୁଁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଉଛି।

କଳା ଓ ସଂସ୍କୃତି ହେଉଛି ଗୋଟିଏ ସଭ୍ୟ ସମାଜର ପ୍ରାଣ ଓ ପରିଚୟ। କଳା ଓ ସଂସ୍କୃତି ରୁଚିସମ୍ପନ୍ନ ଓ ପରିମାର୍ଜିତ ହେଲେ ଗୋଟିଏ ସଭ୍ୟତାର ସମୁଚିତ ଅଭ୍ୟୁଦୟ ଘଟେ। ଏହି ମର୍ମକୁ ହୃଦୟଙ୍ଗମ କରି ଆପଣମାନେ କଳାକାରମାନଙ୍କର ସ୍ୱର ଓ ସ୍ୱାକ୍ଷରକୁ ଅଧିକ ଶାଣିତ ଓ ସାବଲୀଳ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ଓକେଏସ୍ ଅନୁଷ୍ଠାନ ପକ୍ଷରୁ ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିରର ଆୟୋଜନ ଏବଂ ୧୦୦ ଜଣ କଳାକାରଙ୍କୁ ଦୁର୍ଘଟଣାଜନିତ ବୀମା ପ୍ରଦାନ କରିବା ପ୍ରଶଂସନୀୟ ପଦକ୍ଷେପ। ଏଥିପାଇଁ ମୁଁ ଅନୁଷ୍ଠାନକୁ ଆନ୍ତରିକ ସାଧୁବାଦ ଜ୍ଞାପନ କରୁଛି।

ରାଜ୍ୟସ୍ତରୀୟ କଳାକାର ଦିବସ ପାଳନ ଅବସରରେ ମୁଁ ଓକେଏସ୍ ଅନୁଷ୍ଠାନର ସଦସ୍ୟସଦସ୍ୟା, କଳାକାର ବନ୍ଧୁ ଓ ବିଶିଷ୍ଟ ଗୁରୁମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସ୍ମରଣିକା "ସ୍ୱର ଓ ସ୍ୱାକ୍ଷର" ପ୍ରକାଶନର ସର୍ବସଫଳତା କାମନା କରୁଛି।

ବାବୁ ସିଂ
ବାବୁ ସିଂ
ବିଧାୟକ, ୧୧୪-ଏକାମ୍ର-ଭୁବନେଶ୍ୱର
ଜିଲ୍ଲା-ଖୋର୍ଦ୍ଧା

ଶ୍ରୀ ହିମାଂଶୁ ଶେଖର ସାହୁ
ବିଧାୟକ, ଧର୍ମଶାଳା
ଓଡ଼ିଶା ବିଧାନସଭା

ଗ୍ରାମ-ଜାରକା, ଧର୍ମଶାଳା, ଜିଲ୍ଲା-ଯାଜପୁର
ଓଡ଼ିଶା-୭୫୫୦୫୦
ମୋ. ନଂ-୯୯୩୭୭-୫୫୫୭୪
E-mail- himanshu.sahoo@gov.in

ଚିଠି ନଂ. ୭୨୮



# ବାର୍ତ୍ତା

"ଓଡ଼ିଆ କଳାକାରଙ୍କ ସ୍ୱର" ଅନୁଷ୍ଠାନ ଆନୁକୂଲ୍ୟରେ ଚଳିତ ଜୁଲାଇ ମାସ ୨୪ ତାରିଖରେ "କଳାକାର ଦିବସ" ପାଳନ କରାଯାଉଥିବା ଓ ଏହି ପରିପ୍ରେକ୍ଷୀରେ ଏକ ସ୍ମରଣିକା "ସ୍ୱର ଓ ସ୍ୱାକ୍ଷର" ପ୍ରକାଶ ପାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ସଂଗୀତ, ନୃତ୍ୟ, ଚିତ୍ରକଳା, ନାଟକ ଆମ ରାଜ୍ୟର ଗୌରବମୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ ବିଶେଷ । ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର କଳାକାରମାନେ ଆମର କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ସହିତ ଏହାର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । କଳାକାରମାନଙ୍କର ଶ୍ରମ, ସୃଜନଶୀଳତା ଓ ସାଂସ୍କୃତିକ କ୍ଷେତ୍ରରେ ସେମାନଙ୍କର ଅବଦାନ ସର୍ବଦା ସ୍ମରଣୀୟ ।

ଆଶା କରୁଛି, "କଳାକାର ଦିବସ" ପାଳନ ଅବସରରେ ରାଜ୍ୟର ବିଭିନ୍ନ ବର୍ଗର କଳାକାରଙ୍କ ଯୋଗଦାନ ଓ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରଂପରାକୁ ଅଧିକ ଋଦ୍ଧିମନ୍ତ କରିବାରେ ଆଲୋକବର୍ତ୍ତିକା ଭାବେ କାର୍ଯ୍ୟ କରିବ ।

ମୁଁ "କଳାକାର ଦିବସ" ପାଳନ ଅବସରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ଦିବସ ପାଳନ ଏବଂ ସ୍ମରଣିକା ପ୍ରକାଶନର ସଫଳତା କାମନା କରୁଛି ।

( ହିମାଂଶୁ ଶେଖର ସାହୁ )



# ଶୁଭେଚ୍ଛା ବାର୍ତ୍ତା

"ସଂସ୍କୃତି ସମ୍ପନ୍ନ ଆମର ଏହି ମାଟି , କଳା ଓ କାଳାକାର ହେଉଛନ୍ତି ଏହାର ଅସଲ ପରିଚୟ ।"

"ଓଡ଼ିଆ କଳାକାରଙ୍କ ସ୍ୱର" ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା **ରାଜ୍ୟ ସ୍ତରୀୟ କଳାକାର ଦିବସ-୨୦୨୬** ଉପଲକ୍ଷେ ମୁଁ ସଂଗଠନର ସମସ୍ତ କର୍ମକର୍ତ୍ତା , ସଦସ୍ୟବୃନ୍ଦ ଓ ଓଡ଼ିଶାର ସମସ୍ତ ପ୍ରତିଭାବାନ୍ କଳାକାର ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହି ଅବସରରେ ଆୟୋଜିତ ହେଉଥିବା ମନୋରମ ସଂସ୍କୃତିକ କାର୍ଯ୍ୟକ୍ରମ ଏବଂ କଳା ପ୍ରତି ଜୀବନକୁ ଉତ୍ସର୍ଗ କରିଥିବା ବିଶିଷ୍ଟ କଳାକାରମାନଙ୍କ ସମ୍ବର୍ଦ୍ଧନା ଉତ୍ସବ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଏହା ଆମର ଉଦୀୟମାନ ଶିଳ୍ପୀମାନଙ୍କୁ ଆଗକୁ ବଢ଼ବା ପାଇଁ ଅପୂର୍ବ ପ୍ରେରଣା ଯୋଗାଇବ ।

ଏହା ସହିତ ସଂଗଠନର ତୃତୀୟ ବାର୍ଷିକ ପତ୍ରିକା ଉନ୍ମୋଚନ ହେବାକୁ ଯାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ମନର ଦୃଢ଼ ବିଶ୍ୱାସ , ଏହି ପତ୍ରିକାଟି ଓଡ଼ିଶାର କଳା,ସାହିତ୍ୟ ଓ ସଂସ୍କୃତିର ଏକ ପ୍ରାମାଣିକ ଦଲିଲ ହେବା ସହ ପାଠକୀୟ ଆଦୃତି ଲାଭ କରିବ ।

ଓଡ଼ିଆ କଳାକାଙ୍କ ସ୍ୱାର୍ଥରକ୍ଷା , ସେମାନଙ୍କର ସମ୍ମାନ ଏବଂ ଓଡ଼ିଶାର କଳା ଜଗତର ଉନ୍ନତି ପାଇଁ "ଓଡ଼ିଆ କଳାକାରଙ୍କ ସ୍ୱର" ସଂଗଠନର ଏହି ମହତ ପ୍ରୟାଶ ସଫଳ ହେଉ । ପହାପ୍ରଭୁ ଶ୍ରୀ ଜଗନ୍ନାଥ ନିକଟରେ ଏହି କାର୍ଯ୍ୟକ୍ରମର ସର୍ବାଙ୍ଗୀନ ସଫଳତା କାମନା କରୁଛି ।

**ଜୟ ଜଗନ୍ନାଥ**

(ପ୍ରିୟଦର୍ଶୀ ମିଶ୍ର)

***Prabodh Ratha***
**ACTOR / DIRECTOR**
**Former Secretary - Odisha Sangeet Natak Akademy**



# ବାର୍ତ୍ତା

ଓଡ଼ିଆ କଳାକାରଙ୍କ ସ୍ୱର, ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ତା୨୪।୦୭।୨୦୨୬ରିଖରେ ରାଜ୍ୟସ୍ତରୀୟ କଳାକାର ଦିବସ ପାଳନ କରାଯାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ। ଓଡ଼ିଶାର ବିଭିନ୍ନ କଳା ବୈଭବକୁ ପ୍ରଦର୍ଶନ କରିବା ପାଇଁ ବିଭିନ୍ନ ବର୍ଗର କଳାକାରମାନଙ୍କୁ ନେଇ ଉପରୋକ୍ତ ଦିବସରେ ଜୟଦେବ ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ନିଶ୍ଚିତ ଭାବରେ ପ୍ରଶଂସନୀୟ।

୨୦୨୧ ମସିହାଠାରୁ ରାଜ୍ୟର ସବୁ କଳାକାରମାନେ ପ୍ରତିବର୍ଷ ଜୁଲାଇ ୨୪ ତାରିଖକୁ 'କଳାକାର ଦିବସ' ରୂପେ ପାଳନ କରି ଆସୁଅଛନ୍ତି। ବାସ୍ତବରେ ଏଥିପାଇଁ ମୁଁ ଅନୁଷ୍ଠାନର କର୍ମକର୍ତ୍ତମାନଙ୍କୁ ସାଧୁବାଦ ଜଣାଉଛି।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ବାର୍ଷିକ ପତ୍ରିକା ପ୍ରକାଶ ପାଉଅଛି। ଉକ୍ତ ପତ୍ରିକାର ସର୍ବଶୁଭ କାମନା କରୁଅଛି।

(ପ୍ରବୋଧ ରଥ)
ପୂର୍ବତନ ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

**SRITAM DAS**

**Actor, Director and Social Worker**

General Secretary, Odisha Cine-Artist Association
Life Memebr Indian Red Cross Society,
Life Member High-Court Bar Association
BJP Star Campaginer of General Election
Founder Secretary SWAPNA
Founder Chairman Aadi Neta Bichitrananda Das Foundation

**ଶ୍ରୀତମ ଦାସ**

Ramgarh Kanika Chhack
Cuttack Sadar, Tulasipur - 753008
Email : sritamswapna@gmail.com
Contact : 9438580983 / 9778044333




# ବାର୍ତ୍ତା

ଦୀର୍ଘ ଛଅ ବର୍ଷ ଧରି ଓଡ଼ିଆ କଳାକାରଙ୍କ ସ୍ୱର ତରଫରୁ କଳାକାର ଦିବସ ପାଳନ କରାଯାଉଅଛି । ଏଥିପାଇଁ ଏକ ସ୍ମରଣିକା ମଧ୍ୟ ପ୍ରକାଶ କରାଯାଉଛି ।

ଆଶା ଓଡ଼ିଶାର ସବୁ ବର୍ଗର କଳାକାରମାନେ ଏହି ଦିବସରେ ସାମିଲ ହେବା ସହ ଏହି ଦିବସଟିକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିବେ ।

ମୁଁ ଜଣେ କଳାକାର ହିସାବରେ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରୁଛି ।

॥ ଜୟ ଜଗନ୍ନାଥ ॥

Sritam Das

(ଶ୍ରୀତମ ଦାସ)



LIC

भारतीय जीवन बीमा निगम

LIFE INSURANCE CORPORATION OF INDIA

STAR Personal & Caring Health Insurance

The Health Insurance Specialist

**GYANADEEP KHUNTIA,** Insurance Advisor,Z.M'S Club Member/CLIA (Chief Life Insurance Advisor)

**Contact for : LIC, Star Health, Birth Certificate,PAN Card & LIC Agency Requitment**

**E-mail: khuntia.gyanadeep90@gmail.com, Mobile: 7809473262, 9040540975**

ମୁଁ **ଜ୍ଞାନଦୀପ ଖୁଣ୍ଟିଆ** ଏହି ପବିତ୍ର କଳାକାର ଦିବସରେ LIC ପରିବାର ତରଫରୁ ଓଡ଼ିଶାର ସମସ୍ତ କଳାକାରମାନଙ୍କୁ ଶୁଭେଚ୍ଛା ଜଣାଉଛି। ଯଦି ଭବିଷ୍ୟତରେ କୌଣସି କଳାକାରଙ୍କର LIC ଓ STAR Health Insurance ବାବଦରେ ସାହାଯ୍ୟ ଦରକାର ହୁଏ, ମୁଁ 24×7 ସଦା ସର୍ବଦା ସାହଯ୍ୟ କରିବି ଏବଂ ଯଦି କେହି LIC Agency ନିଜ ନାଁରେ ନେଇ Extra Income କରିବାକୁ ଚାହାନ୍ତି, ମୋ ସହିତ ଯୋଗାଯୋଗ କରନ୍ତୁ। LIC ଯେପରି ସବୁବେଳେ ଆପଣଙ୍କ ଜୀବନ ସାଥୀରେ ବି ଜୀବନ ପରେ ବି ଅଛି, ଠିକ୍ ସେହିପରି ମୁଁ ଜ୍ଞାନଦୀପ ଖୁଣ୍ଟିଆ ଆପଣଙ୍କ ସାଥୀରେ ସଦାସର୍ବଦା ଅଛି ।




TEAM

GROUP OF COMPANIES

# ସଭାପତିଙ୍କ କଲମରୁ...



## ଫିଲ୍ମ ପ୍ରଡ୍ୟୁସର ଓ ଫାଇନାନ୍ସର ମଧ୍ୟରେ ପାର୍ଥକ୍ୟ କ'ଣ

ଫିଲ୍ମ ତିଆରି ଦୁନିଆରେ ପ୍ରଡ୍ୟୁସର (Producer) ଏବଂ ଫାଇନାନ୍ସର (Financer) ଦୁହେଁ ଦୁଇଟି ସମ୍ପୂର୍ଣ୍ଣ ଅଲଗା ଭୂମିକା ତୁଲାଇଥାନ୍ତି। ସହଜ ଭାଷାରେ କହିଲେ, ଜଣେ ଫିଲ୍ମକୁ ଗଢ଼ନ୍ତି ଏବଂ ଅନ୍ୟଜଣେ ଫିଲ୍ମ ପାଇଁ ଧାର/ଟଙ୍କା ଯୋଗାଇଥାନ୍ତି।

**ଓଡ଼ିଆରେ ସେମାନଙ୍କର ମୁଖ୍ୟ ପାର୍ଥକ୍ୟ ଗୁଡ଼ିକ ତଳେ ଦିଆଗଲା:**

**୧- ପ୍ରଡ୍ୟୁସର (Producer) - ସିନେମାର ମୁଖ୍ୟ ପରିଚାଳକ କିମ୍ବା ସୃଷ୍ଟିକର୍ତ୍ତା**

**କାମ:** ଗପ ବାଛିବା, ନିର୍ଦ୍ଦେଶକ (Director) ଏବଂ କଳାକାରମାନଙ୍କୁ ସାଇନ୍ କରିବା, ଶୁଟିଂର ଯୋଜନା କରିବା ଏବଂ ଫିଲ୍ମ ରିଲିଜ୍ ହେବା ପର୍ଯ୍ୟନ୍ତ ସବୁ କାମ ପ୍ରଡ୍ୟୁସର ଦେଖନ୍ତି।

**ଆର୍ଥିକ ଭୂମିକା:** ପ୍ରଡ୍ୟୁସର ନିଜ ପକେଟରୁ ଟଙ୍କା ଲଗାଇ ପାରନ୍ତି, କିମ୍ବା ଫାଇନାନ୍ସର/ବ୍ୟାଙ୍କଠାରୁ ଟଙ୍କା ଆଣି ଫିଲ୍ମ ତିଆରି କରନ୍ତି।

ସୃଜନଶୀଳ ଅଧିକାର (Creative Control): ସିନେମାରେ କେଉଁ ସିନ୍ ରହିବ, କେଉଁ ଗୀତ ହେବ, ଏ ସବୁ ନିଷ୍ପତ୍ତିରେ ପ୍ରଡ୍ୟୁସରଙ୍କ ପୂର୍ଣ୍ଣ ଅଧିକାର ଥାଏ।

**ଲାଭ ଓ କ୍ଷତି (Risk):** ଯଦି ଫିଲ୍ମଟି ସୁପରହିଟ୍ ହୁଏ, ତେବେ ସବୁଠୁ ଅଧିକ ଲାଭ ପ୍ରଡ୍ୟୁସର୍ ପାଆନ୍ତି। କିନ୍ତୁ ଯଦି ଫିଲ୍ମ ଫ୍ଲପ୍ ହୁଏ, ତେବେ କ୍ଷତି ମଧ୍ୟ ପ୍ରଡ୍ୟୁସରଙ୍କର ହିଁ ହୋଇଥାଏ।

**୨- ଫାଇନାନ୍ସର (Financer) - ସିନେମାର ବ୍ୟାଙ୍କର ବା ଆର୍ଥିକ ସହାୟକ**

**କାମ:** ଏମାନଙ୍କର ଫିଲ୍ମ ଶୁଟିଂ କିମ୍ବା କଳାକାରମାନଙ୍କ ସହ କୌଣସି ସିଧାସଳଖ ସମ୍ପର୍କ ନଥାଏ। ଏମାନେ କେବଳ ପ୍ରଡ୍ୟୁସରଙ୍କୁ ଫିଲ୍ମ ବନାଇବା ପାଇଁ ଟଙ୍କା ଧାର ବା ଲୋନ୍ ଆକାରରେ ଦିଅନ୍ତି।

**ଆର୍ଥିକ ଭୂମିକା:** ଏମାନେ ଏକ ନିର୍ଦ୍ଦିଷ୍ଟ ସୁଧ (Interest) ବା ଚୁକ୍ତି ଅନୁସାରେ ଫିଲ୍ମରେ ନିବେଶ କରନ୍ତି।

ସୃଜନଶୀଳ ଅଧିକାର (Creative Control): ଫିଲ୍ମ କିପରି ତିଆରି ହେଉଛି, ସେଥିରେ ଏମାନେ ଆଦୌ ମୁଣ୍ଡ ଖେଳାନ୍ତି ନାହିଁ।

**ଲାଭ ଓ କ୍ଷତି (Risk):** ଫିଲ୍ମ ବକ୍ସ ଅଫିସରେ ଚାଲୁ କିମ୍ବା ନଚାଲୁ, ଫାଇନାନ୍ସର ଚୁକ୍ତି ମୁତାବକ ନିଜ ଟଙ୍କା ଏବଂ ସୁଧ ପ୍ରଡ୍ୟୁସରଙ୍କଠାରୁ ଫେରସ୍ତ ପାଆନ୍ତି। ଫିଲ୍ମ ଫ୍ଲପ୍ ହେଲେ ମଧ୍ୟ ଏମାନଙ୍କର ବ୍ୟକ୍ତିଗତ ଭାବେ ବଡ଼ କ୍ଷତି ହୁଏ ନାହିଁ (ଯଦି ପ୍ରଡ୍ୟୁସର ଟଙ୍କା ଫେରାଇବାକୁ ସକ୍ଷମ ଥା'ନ୍ତି)।

**ଏକ ସହଜ ଉଦାହରଣ:** ଧରିନିଅନ୍ତୁ ଆପଣ ଏକ ଘର ତୋଳୁଛନ୍ତି। ଆପଣ ହେଉଛନ୍ତି ପ୍ରଡ୍ୟୁସର ଯିଏ ଇଟା, ସିମେଣ୍ଟ ଆଣିବାଠୁ ଆରମ୍ଭ କରି ମିସ୍ତ୍ରୀ ଲଗାଇ ଘରର ଡିଜାଇନ୍ କରୁଛନ୍ତି। ଆଉ ଯେଉଁ ବ୍ୟାଙ୍କ ଆପଣଙ୍କୁ ଘର ତୋଳିବା ପାଇଁ ଲୋନ୍ ଦେଉଛି, ସେ ହେଉଛି ଫାଇନାନ୍ସର। ଘର ଭଲ ହେଉ କି ଖରାପ, ବ୍ୟାଙ୍କକୁ ତା'ର ଲୋନ୍ ଟଙ୍କା ଫେରସ୍ତ ଦେବାକୁ ହିଁ ପଡ଼ିବ।

**(ଶ୍ରୀଧର ମାର୍ଥା)**
**ସଭାପତି**
**ଓଡ଼ିଆ କଳାକାରଙ୍କ ସ୍ୱର**

# ଉପ-ସଭାପତିଙ୍କ କଲମରୁ...



## କଳାକାର : ସମାଜର ଚେତନା ଓ ସଂସ୍କୃତିର ଅମର ବାହକ

### (କଳାକାର ଦିବସ ଅବସରରେ ବାର୍ତ୍ତା)

କଳା ହେଉଛି ମାନବ ସଭ୍ୟତାର ସବୁଠାରୁ ଶ୍ରେଷ୍ଠ ଅଭିବ୍ୟକ୍ତି। ଏହା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ସମାଜର ଚେତନା, ସଂସ୍କୃତି, ପରମ୍ପରା ଏବଂ ମାନବିକ ମୂଲ୍ୟବୋଧର ଦର୍ପଣ। ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା, ସାହିତ୍ୟ, ଚିତ୍ରକଳା ଓ ଚଳଚ୍ଚିତ୍ର ପରି ପ୍ରତ୍ୟେକ କଳା ମାଧ୍ୟମରେ ଆମ ସମାଜକୁ ନୂତନ ଦିଗଦର୍ଶନ ମିଳିଥାଏ। ଏହି ଅମୂଲ୍ୟ ଐତିହ୍ୟକୁ ପିଢ଼ି ପରେ ପିଢ଼ି ସଂରକ୍ଷଣ କରି ଆସୁଛନ୍ତି ଆମ କଳାକାରମାନେ। ସେମାନଙ୍କର ସାଧନା, ତ୍ୟାଗ ଓ ସୃଜନଶୀଳତା ଆମ ସଂସ୍କୃତିକୁ ସଜୀବ ରଖିଛି।

କଳାକାର ଦିବସ ହେଉଛି କଳା ଓ କଳାକାରଙ୍କ ପ୍ରତି ଆମର ଶ୍ରଦ୍ଧା, କୃତଜ୍ଞତା ଏବଂ ସମ୍ମାନ ପ୍ରକାଶ କରିବାର ଏକ ପବିତ୍ର ଅବସର। ଏହି ଦିନ ଆମକୁ ସ୍ମରଣ କରାଏ ଯେ, ଜଣେ କଳାକାର କେବଳ ମଞ୍ଚରେ ଅଭିନୟ କରନ୍ତି ନାହିଁ, ସେ ସମାଜର ଆଶା, ସଂଘର୍ଷ, ଆନନ୍ଦ ଓ ଅନୁଭୂତିକୁ ନିଜ କଳା ମାଧ୍ୟମରେ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରନ୍ତି। ଜଣେ ପ୍ରକୃତ କଳାକାର ସମାଜକୁ ଏକତା, ଶାନ୍ତି, ଭ୍ରାତୃତ୍ୱ ଓ ମାନବିକତାର ବାର୍ତ୍ତା ପ୍ରଦାନ କରନ୍ତି। ସେଥିପାଇଁ କଳାକାରଙ୍କ ସମ୍ମାନ ହେଉଛି ସମାଜର ସମ୍ମାନ।

ଓଡ଼ିଶାର କଳା ଓ ସଂସ୍କୃତିର ଇତିହାସ ଅତ୍ୟନ୍ତ ଗୌରବମୟ। ଓଡ଼ିଶୀ ନୃତ୍ୟ, ପାଲା, ଦାସକାଠିଆ, ଘୁମୁରା, ସମ୍ବଲପୁରୀ ଲୋକସଙ୍ଗୀତ, ପଟ୍ଟଚିତ୍ର, ପାରମ୍ପରିକ ନାଟକ ଓ ଲୋକକଳା ବିଶ୍ୱ ଦରବାରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହି ଐତିହ୍ୟକୁ ସୁରକ୍ଷିତ ରଖିବା ସହିତ ନୂତନ ପିଢ଼ିଙ୍କ ମଧ୍ୟରେ କଳା ପ୍ରତି ଆଗ୍ରହ ସୃଷ୍ଟି କରିବା ବର୍ତ୍ତମାନ ସମୟର ଆହ୍ୱାନ। ଆଧୁନିକ ପ୍ରଯୁକ୍ତି ଯୁଗରେ ଡିଜିଟାଲ୍ ମାଧ୍ୟମ କଳାକୁ ନୂଆ ପରିଚୟ ଦେଇଛି, କିନ୍ତୁ ଆମର ମୂଳ ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷଣ କରିବା ମଧ୍ୟ ସମାନ ଭାବେ ଆବଶ୍ୟକ।

ଓଡ଼ିଆ କଳାକାରଙ୍କ ସ୍ୱର (OKS) ସଦାସର୍ବଦା କଳାକାରମାନଙ୍କ ସ୍ୱାର୍ଥ, ସମ୍ମାନ ଓ କଲ୍ୟାଣ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଆସୁଛି। ଆମର ଲକ୍ଷ୍ୟ କେବଳ କଳାକାରମାନଙ୍କୁ ଏକ ସଂଗଠନରେ ଏକତ୍ର କରିବା ନୁହେଁ, ବରଂ ସେମାନଙ୍କ ଅଧିକାରର ସୁରକ୍ଷା, ସାମାଜିକ ସମ୍ମାନ, ଆର୍ଥିକ ସଶକ୍ତିକରଣ ଓ ନୂତନ ପ୍ରତିଭାଙ୍କୁ ସୁଯୋଗ ପ୍ରଦାନ କରିବା। କଳାକାରଙ୍କ ଜୀବନରେ ଅନେକ ସଂଘର୍ଷ ରହିଥାଏ, କିନ୍ତୁ ସେମାନଙ୍କର ସୃଜନଶୀଳତା କେବେ ଥମି ଯାଏ ନାହିଁ। ସେହି ସଂଘର୍ଷକୁ ସମ୍ମାନ ଦେବା ସହ ସେମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ସୃଷ୍ଟି କରିବା ଆମ ସମସ୍ତଙ୍କ ଦାୟିତ୍ୱ।

ଆଜିର ଯୁବପିଢ଼ିଙ୍କ ମଧ୍ୟରେ ଅପାର ପ୍ରତିଭା ରହିଛି। ଯଦି ସେମାନଙ୍କୁ ସଠିକ୍ ମାର୍ଗଦର୍ଶନ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳେ, ତେବେ ସେମାନେ ଆଗାମୀ ଦିନରେ ଓଡ଼ିଶାର କଳା ଓ ସଂସ୍କୃତିକୁ ବିଶ୍ୱଦରବାରରେ ଆହୁରି ଉଚ୍ଚ ସ୍ଥାନରେ ପହଞ୍ଚାଇ ପାରିବେ। ଏଥିପାଇଁ ପରିବାର, ସମାଜ, ସରକାର ଏବଂ ସାଂସ୍କୃତିକ ସଂଗଠନମାନଙ୍କର ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। କଳାର ବିକାଶ ହେଉଛି ଜାତିର ସାଂସ୍କୃତିକ ବିକାଶର ମୂଳ ଆଧାର।

କଳାକାର ଦିବସର ଏହି ପବିତ୍ର ଅବସରରେ ମୁଁ ରାଜ୍ୟର ସମସ୍ତ କଳାକାର ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ଓଡ଼ିଆ କଳା, ଭାଷା ଓ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରଚାର-ପ୍ରସାର ପାଇଁ ନୂତନ ସଂକଳ୍ପ ନେବା। କଳାକାରଙ୍କ ସମ୍ମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ, ଏକ ସୃଜନଶୀଳ, ସମୃଦ୍ଧ ଓ ସଂସ୍କୃତିମୟ ଓଡ଼ିଶା ଗଢ଼ିବାରେ ଆମେ ସମସ୍ତେ ଭାଗୀଦାର ହେବା।

**ଜୟ ଜଗନ୍ନାଥ। ଜୟ ଓଡ଼ିଶା। ଜୟ କଳାକାର।**

**(ପ୍ରଶାନ୍ତ କୁମାର ଷଡ଼ଙ୍ଗୀ)**
ଉପ-ସଭାପତି, ଓଡ଼ିଆ କଳାକାରଙ୍କ ସ୍ୱର (OKS)



# କଳା, କଳାକାର ଓ ସଂଗଠନ

କଳା ହେଉଛି ଆତ୍ମାର ଭାଷା ଏବଂ କଳାକାର ହେଉଛି ସେହି ଭାଷାର ପ୍ରବକ୍ତା। ଯେତେବେଳେ ଶବ୍ଦ ନୀରବ ହୋଇଯାଏ, ସେତେବେଳେ ରଙ୍ଗ, ତୂଳୀ, ମାଟି, କାଠ କିମ୍ବା ମଞ୍ଚ ଅଭିନୟର କଥା କହେ। ଆମ ଓଡ଼ିଶାର ମାଟି କଳାର ମାଟି। କୋଣାର୍କର କାରୁକାର୍ଯ୍ୟଠାରୁ ଆରମ୍ଭ କରି ରଘୁରାଜପୁରର ପଟ୍ଟଚିତ୍ର, ବାଲେଶ୍ୱରର କଣ୍ଢେଇ ନାଚଠାରୁ ଆରମ୍ଭ କରି ମଞ୍ଚର ଜୀବନ୍ତ ନାଟକ ପର୍ଯ୍ୟନ୍ତ-ଆମ ସଂସ୍କୃତିର ପ୍ରତିଟି କଣିକାରେ କଳା ସ୍ପନ୍ଦିତ।

ଆଜି ଅନେକ ହୃଦୟସ୍ପର୍ଶୀ କଳାକାର ଇହଲୀଳା ସମ୍ବରଣ କରିଛନ୍ତି। ସେହି ଶୂନ୍ୟସ୍ଥାନ କ'ଣ ପୂରଣ ହେଇପାରିବନି ? କ'ଣ ସେହି ଉଚ୍ଚକୋଟୀର କଳାକାର ଆଉ ସୃଷ୍ଟି ହୋଇପାରିବେନି ? ପାରିବେ ! କେବଳ ଧୈର୍ଯ୍ୟ, ଏକାଗ୍ରତା, ନିଷ୍ଠା, କଳାର ନିଶା, ଅନ୍ୟକୁ ଭଲପାଇବା, ଅହଂକାରକୁ ତ୍ୟାଗ କରିବା ଏବଂ ନିଜର ମନୋବଳକୁ ଦୃଢ଼ କରିବାକୁ ପଡିବ। ତେବେ ଯାଇ ଏକ ସୁନ୍ଦର କଳାକାରଟିଏ ହୋଇ ପାରିବ। Nothing is imposible in this world. Every thing is possible here.

ଏହି ପରିପ୍ରେକ୍ଷୀରେ, ଆମ ଓଡ଼ିଆ କଳାକାରଙ୍କ ସ୍ୱର (OKS) କେବଳ ଏକ କଳାକାର ସଂଗଠନ ନୁହେଁ, ବରଂ ଏହା ଏକ ପରିବାର, ମହାସଂଘ । ଏହା ଏଭଳି ଏକ ପରିବାର ବା ମହାସଂଘ, ଯେଉଁଠି ଅନୁଭବୀ ଗୁରୁମାନଙ୍କ ପ୍ରଜ୍ଞା ଏବଂ ନୂତନ ପିଢ଼ିର ସୃଜନଶୀଳତା ଏକାଠି ମିଶି ଏକ ନୂଆ ସମ୍ଭାବନା ସୃଷ୍ଟି କରେ। ଏହାର ଅନେକ ଦୃଷ୍ଟାନ୍ତ ଆପଣମାନଙ୍କ ପାଖରେ ଅଛି।

ଆଜିର ଆଧୁନିକ ଓ ଡିଜିଟାଲ୍ ଯୁଗରେ କଳାର ରୂପ ବଦଳିବାରେ ଲାଗିଛି। ଏହା ଆମ ପାଇଁ ଯେତିକି ଆହ୍ୱାନ ଆଣିଛି, ସେତିକି ସୁଯୋଗ ମଧ୍ୟ ଦେଇଛି । ସେହି ସୁଯୋଗକୁ ହାତଛଡା କରିବା ନାହିଁ।

ଆମକୁ ଆମର ପାରମ୍ପରିକ ଓଡ଼ିଆ କଳାକୁ ବଞ୍ଚାଇ ରଖିବା ସହ ବିଶ୍ୱସ୍ତରୀୟ ଆଧୁନିକ ଶୈଳୀକୁ ଆପଣେଇବାକୁ ହେବ।

ଆଜିର ଆର୍ଟିଷ୍ଟ କେବଳ କାନଭାସ୍ ବା ସୀମିତ ମଞ୍ଚରେ ଆବଦ୍ଧ ନୁହେଁ। ସୋସିଆଲ୍ ମିଡିଆ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଆମେ ଆମର ଓଡ଼ିଆ କଳାକୁ ସାରା ବିଶ୍ୱର ଦରବାରରେ ପହଞ୍ଚାଇ ପାରିବା।

**ସଂଘର ଆଭିମୁଖ୍ୟ :** ଏକ ସଂଘ ଭାବରେ ଆମର ଦାୟିତ୍ୱ ହେଉଛି ପରସ୍ପରର ହାତ ଧରି ଆଗକୁ ବଢ଼ିବା। କୌଣସି କଳାକାର ଯେପରି ନିଜକୁ ଏକା ଅନୁଭବ ନକରନ୍ତି। ନୂତନ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ସହ ଗାଁ ଗହଳିରେ ଲୁଚି ରହିଥିବା ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭାମାନଙ୍କୁ ଆଲୋକକୁ ଆଣିବା ଆମର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ।

କଳାରେ କୌଣସି ପ୍ରତିଯୋଗିତା ନଥାଏ, ଥାଏ କେବଳ ସହଯୋଗ।

ସହଯୋଗର ମନୋଭାବ ନେଇ ଜଣେ ଆର୍ଟିଷ୍ଟ ଅନ୍ୟ ଜଣେ ଆର୍ଟିଷ୍ଟର ପ୍ରେରଣା ସାଜିବା ଆବଶ୍ୟକ।

"କଳା ମୃତ୍ୟୁହୀନ, କଳାକାର ଅମର।"

ପରିସ୍ଥିତି ଯାହା ବି ହେଉ, ଆମ ସୃଜନଶୀଳତାର ଜଳନ୍ତା ନିଆଁ କେବେ ବି ଲିଭିବା ଉଚିତ ନୁହେଁ।

**ଶେଷ କଥା :** ଆସନ୍ତୁ, ଆମେ ସମସ୍ତେ ମିଶି ଏହି ଓକେଏସ୍ ପ୍ରତ୍ୟେକ ବର୍ଗର କଳାକାର ସଂଘ ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିର ପତାକାକୁ ଆହୁରି ଉଚ୍ଚକୁ ନେଇଯିବା। ଆମ ସଂଘକୁ ମଜଭୁତ୍ କରିବା। କଳାକାରମାନଙ୍କ ତଥା କଳାକାର ଜାତିର ଉନ୍ନତି ପାଇଁ ଆମେ ଏକତ୍ରିତ ହେବା। ହାତ ମୁଠାକୁ ଟାଣ କରିବା। ସମସ୍ତଙ୍କ ସ୍ୱରକୁ ମିଶାଇ ଗୋଟିଏ ସ୍ୱର କରିବା। ସରକାରଙ୍କ ପାଖରେ ଆମର ଦାବି ଉପସ୍ଥାପନ କରି ଆମର ଅଧିକାର ପାଇବା ପାଇଁ ସମସ୍ତେ ସ୍ୱରରେ ସ୍ୱର ମିଶାଇବା।

ଏହି ମାଗାଜିନ୍ ଆମ ଭାବନା, ଆମ ସଂଘର୍ଷ ଏବଂ ଆମ ସଫଳତାର ଏକ ଦର୍ପଣ ହେଉ।

ସମସ୍ତ କଳାକାର ବନ୍ଧୁମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ସାଧୁବାଦ।

"ଜୟ କଳା, ଜୟ କଳାକାର !'

(ମୃତ୍ୟୁଞ୍ଜୟ ପଣ୍ଡା)
ସଂପାଦକ, ଓଡ଼ିଆ କଳାକାରଙ୍କ ସ୍ୱର (OKS)


With Best Compliments from :
Debasis Mohanty
DM
FILM
DM Films
An Audio Visual Production House
coming soon...
DM
M/s. Debasis Mohanty
33/11KV SUBSTATION
MAJHAPARA, SUNDARGARH
Qr. No.: EL-120, Basanti Colony, Rourkela-769 012(Odisha)
debasism58@gmail.com, dmohantym43@gmail.com, Mob. : 7008618097 / 6372527827

# ଯେଉଁମାନଙ୍କ ଉଦ୍ୟମରେ ଓଡ଼ିଆ କଳାକାରଙ୍କ ସ୍ୱର (OKS)ର ସୃଷ୍ଟି


ଶ୍ରୀଧର ମାର୍ଥା


ରାକେଶ ଧଳ


ମୃତ୍ୟୁଞ୍ଜୟ ପଣ୍ଡା


ଅର୍ପଣ ମିଶ୍ର


ରବି ମିଶ୍ର (ପୁରୀ)


ବରଦା ପ୍ରଶନ୍ନ ପାତ୍ର


କୈଳାସ ମହାପାତ୍ର


ପ୍ରଶାନ୍ତ କୁମାର ଷଡ଼ଙ୍ଗୀ


ବିଦୁସ୍ମିତା ମନ୍ତ୍ରୀ


ଚୁନି ରିୟା


ନିଶାନ୍ତ୍ ମାଜିଠିଆ


ଅମର ମହାପାତ୍ର

# ମୁଖ୍ୟ ଉପଦେଷ୍ଟା



ନିଶିକାନ୍ତ ମିଶ୍ର

# ଉପଦେଷ୍ଟା ମଣ୍ଡଳୀ



ମାନସ କୁମାର ଗଡ଼ନାୟକ



ପ୍ରଣବ ଦାସ



ହରିଶ୍ ମହାନ୍ତି



ପରମେଶ୍ୱର ଦାସ



ଦୈତାରୀ ପଣ୍ଡା



ପିଙ୍କି ପ୍ରଧାନ



ଶ୍ରୀତମ ଦାସ



ଦେବୁ ପଟ୍ଟନାୟକ



ସୁଧାଂଶୁ ଶେଖର ରାଉତ



ବାପୁ ଓଝା



ଡ. ରଷି ପଟ୍ଟନାୟକ



ଆଡଭୋକେଟ ତ୍ରିଲୋଚନ ରଥ

# କାର୍ଯ୍ୟକାରୀ କର୍ମକର୍ତ୍ତା



ସଭାପତି : ଶ୍ରୀଧର ମାର୍ଥା
୯୨୩୮୦୦୦୮୮୮



ଉପସଭାପତି : ପ୍ରଶାନ୍ତ କୁମାର ଷଡ଼ଙ୍ଗୀ
୮୭୬୩୬୬୬୬୬୪



ସମ୍ପାଦକ : ମୃତ୍ୟୁଞ୍ଜୟ ପଣ୍ଡା
୯୪୩୭୧୮୪୯୯୧



ଯୁଗ୍ମ ସମ୍ପାଦକ : ବରଦା ପ୍ରସନ୍ନ ପାତ୍ର
୭୯୭୮୧୦୩୬୨୨



କୋଷାଧକ୍ଷ : ମୃଣ୍ମୟ ନାୟକ
୯୩୩୮୬୪୬୯୧୫



ସଂଗଠନ ସମ୍ପାଦକ
ପଞ୍ଚାନନ ନାୟକ
୭୦୦୮୮୪୨୦୯୫



ସୋସିଆଲ ମିଡିଆ ସଂଯୋଜକ
ବିଶାଲ ସାହୁ
୭୯୭୮୨୦୨୦୪୭



ଉନ୍ନୟନ ସଂଯୋଜିକା
ଗୀତାଞ୍ଜଳି ବେହେରା
୭୨୦୫୧୧୩୯୯୭



ଉନ୍ନୟନ ସଂଯୋଜକ
ସୁଶାନ୍ତ କୁମାର ଶତପଥୀ
୯୩୩୭୧୨୯୪୦୩



ଗଣମାଧ୍ୟମ ସଂଯୋଜକ
ପ୍ରଣୟ ଜେଠୀ
୯୦୯୦୦୧୧୫୫୫



ଗଣମାଧ୍ୟମ ଉପଦେଷ୍ଟା
ବିକାଶ ଚନ୍ଦ୍ର ବାରିକ
୭୭୫୧୯୪୭୦୭୩

## କାର୍ଯ୍ୟନିର୍ବାହୀ ସଦସ୍ୟ/ସଦସ୍ୟା



ସାର୍ଥକ ପ୍ରଧାନ
୯୩୩୭୩୩୧୬୧୭



ରାଜେଶ ଅଗରୱାଲ
୯୪୩୭୦୨୨୨୩୯



ରାଜଲକ୍ଷ୍ମୀ ମିଶ୍ର
୯୫୫୬୦୪୧୯୧୯



ସୁକାନ୍ତୀ ମହାପାତ୍ର
୭୯୭୮୭୮୮୬୧୮



ଜ୍ଞାନଦୀପ ଖୁଣ୍ଟିଆ
୭୮୦୯୪୭୩୨୬୨



ମିଥୁନ ପ୍ରଧାନ
୯୩୪୮୫୩୪୮୭୩

# ଆମ OKS ପରିବାରର ଆଜୀବନ ସଦସ୍ୟ/ସଦସ୍ୟା...


କାବେରୀ ଶତପଥୀ


ମୃଣ୍ମୟ ନାୟକ


ସୁବାସ ଚନ୍ଦ୍ର ପାତ୍ର


ବୈକୁଣ୍ଠ ତ୍ରିପାଠୀ


ରାଜଲକ୍ଷ୍ମୀ ମିଶ୍ର


ଅପରାଜିତା ହୋତା


ଚନ୍ଦନ କୁମାର ସାହୁ


ପ୍ରଦୀପ ଦେବତା


ଅଭୟ ନାଥ


ମନିଷା ରଥ


ବରଦା ପ୍ରସନ୍ନ ପାତ୍ର


ମୃତ୍ୟୁଞ୍ଜୟ ପଣ୍ଡା


ଅତିଶ ରାଉତ


ସବିତା ସାହୁ


ଏଲିଜା ପ୍ରିୟଦର୍ଶିନୀ


ରସାନନ୍ଦ ଦାଶ


ଶ୍ରୀଧର ମାର୍ଥା


ପ୍ରଶାନ୍ତ କୁମାର ଷଡ଼ଙ୍ଗୀ


ମନିଷା ମିଶ୍ର


ବିଶାଳ ସାହୁ


ସାର୍ଥକ ପ୍ରଧାନ


ଗୌରୀ ଶଙ୍କର ଦାଶ


ପ୍ରକାଶ କୁମାର ସ୍ୱାଇଁ


ମିଥୁନ ପ୍ରଧାନ


ସିନା ମହାନ୍ତି


ସୁକାନ୍ତି ମହାପାତ୍ର


କୁସୁମ ତ୍ରିପାଠୀ


ସୁସ୍ମିତା ମିଶ୍ର


ଅନନ୍ୟା ମିଶ୍ର


ବାପୁ ରଥ


ଶଶୀକାନ୍ତ ପାଣି


ଏସ୍.କେ. ସକିଲ୍


ସୁନୀଲ ମିଶ୍ର


କାନନବାଳା ତ୍ରିପାଠୀ


ସୁଶ୍ରିତା ରଥ

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...


ଆଲୋକ ପଣ୍ଡା


ଅଲକେଶ ରାୟ


ଅନିଲ ସେଠୀ


ଅକ୍ଷୟ ବେହେରା


ଭବାନୀ ପ୍ରସାଦ


ଭାସ୍କର ମହାପାତ୍ର


ଜଗବନ୍ଧୁ ବେହେରା


ବୈଶାଳିନୀ ଆଚାର୍ଯ୍ୟ


ବିଦୁଭୂଷଣ ଷଡ଼ଙ୍ଗୀ


ବିଜୟାଲକ୍ଷ୍ମୀ ମହାନ୍ତି


ବିକାଶଜ୍ୟୋତି ପଣ୍ଡା


ବିବେକ ଲାଲ


କୁମାର ବାବୁ


ଶୁଭମ୍ ହରିପାଲ


ବୁଲ୍‌ଟି ପ୍ରଧାନ


କାମିନିକାନ୍ତ ମିଶ୍ର


ଈଶା ବେବର୍ତ୍ତା


ଡଲି ଅପା


ଅଶୋକ ଦାସ

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...


ବିକାଶ


ବିନୟ କୁମାର ନାୟକ


ଯଶସ୍ୱିନୀ ସାହୁ


ଦୀପା ଗିରି


ଦୀପକ କୁମାର ପଣ୍ଡା


ଡେଜିନା ବେହେରା


ଧନୀ


ଗୀତାଞ୍ଜଳି ବେହେରା


ଦିବ୍ୟରଞ୍ଜନ ରଥ


ଦୁର୍ଲ୍ଲଭ କୁମାର ପାତ୍ର


ଆର୍.ଜେ. ଗୁରୁ


ଗଣେଶ ଅଗ୍ରୱାଲ


ବିନାୟକ ମିଶ୍ର


ତମସା ମିଶ୍ର


ଜଗନ୍ନାଥ ମାଝୀ


ସମ୍ବିତ୍ ବାରିକ


ଅକ୍ଷୟ କୁମାର ଦାସ


ପଞ୍ଚାନନ ନାୟକ


ଓମ୍ କେଦାର


ଦେବସ୍ମିତା ପଣ୍ଡା

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...


ସୁଶ୍ରୀ ଶର୍ମିଷ୍ଠା


ରୁଦ୍ରନାରାୟଣ ପରିଡ଼ା


ନବୀନ ନାୟକ


ଗୌତମ ପାଢ଼ୀ


ଜ୍ଞାନଦୀପ ଖୁଣ୍ଟିଆ


ହରିପ୍ରସାଦ ପଟ୍ଟନାୟକ


ହରିଶ ମହାନ୍ତି


ହୃଦାନନ୍ଦ ସାହୁ


ଜାନକୀ ନାଥ ମିଶ୍ର


ଜିତେନ୍ଦ୍ରନାଥ ପଟ୍ଟନାୟକ


ଜ୍ୟୋତ୍ସ୍ନା ସେଠୀ


ଜ୍ୟୋତି ନାଥ


ଜ୍ୟୋତି ପଣ୍ଡା


ଆନନ୍ଦ ପ୍ରସାଦ ରାଏ


କବିତା ବାରିକ


କାଳୀଚରଣ ଆଚାର୍ଯ୍ୟ


କୃଷ୍ଣ କୁମାର


ସନ୍ତୋଷ କୁମାର ପୃଷ୍ଟି


ଲକ୍ଷ୍ମୀଧର ବେହେରା

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...


କୈଳାସ ପାତ୍ର (କେପି)


ରିତୁପର୍ଣ୍ଣା ମହାପାତ୍ର (ଗୁଡ଼ି)


ଲିପିକା ମହାନ୍ତି


ମମତା ମହାନ୍ତି


ସୁସ୍ମିତା ମିଶ୍ର


ସ୍ୱାଗତିକା ମହାନ୍ତି


ବିଶ୍ୱନାଥ


ଦିବ୍ୟରଞ୍ଜନ


ମାନସ ବେହେରା


ସଚ୍ଚିକାନ୍ତ


ମଣିପାଲ ସାହୁ


ସିମରନ ପୁଷ୍ଟି


ପ୍ରୀତି ଜେନା


ସ୍ମିତା ତ୍ରିପାଠୀ


ପାୟଲ ଜେନା


ଏମ.ଏସ୍. ମନସ୍ୱିତା ପଣ୍ଡା


ମୁନ୍‌ମୁନ୍ ଖୁଣ୍ଟିଆ


ନମିତା ଭଟ୍ଟାଚାର୍ଯ୍ୟ


ନିରଞ୍ଜନ ବେହେରା


ନୃସିଂହ ପଣ୍ଡା

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...


ଜ୍ୟୋସ୍ନାରାଣୀ ସେଠୀ


ଦିବ୍ୟାଭାରତୀ ଦାସ


ରଞ୍ଜିତ୍ ସୁପକାର


ପରାଗ ପଟ୍ଟନାୟକ


ପ୍ରାର୍ଥସାରଥୀ


ସୁଭାଶିଷ ଦାସ


ପିଙ୍କିରାଣୀ ନାୟକ


ପ୍ରଦୀପ ପ୍ରଧାନ


ପ୍ରକାଶ ଚନ୍ଦ୍ର ରାଉତ


ପ୍ରମୋଦ କୁମାର ରାଉତ


ପ୍ରଶାନ୍ତ କୁମାର ଦାସ


ପ୍ରତାପ ମହାପାତ୍ର


ପ୍ରତିଭା ଦାସ (ଲିନା)


ପ୍ରଭାତୀ ସାହୁ


ଫୁପିନ୍ଦର


ପୂର୍ଣ୍ଣ ଖୁଣ୍ଟିଆ


ପୁଷ୍ପକ ରଞ୍ଜନ


ପୁଷ୍ପଶ୍ରୀ ଦାସ


ଉମାକାନ୍ତ ରାଉଳ

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...




ଚୌଧୁରୀ ଶାଶ୍ୱତ ମହାପାତ୍ର


ସତ୍ୟବ୍ରତ ସାହୁ


ଶିବ ନନା


ସୀମା ମିଶ୍ର


ତରନଜିତ୍ ଖାନା


ରାଜ ନାରାୟଣ ପଣ୍ଡା


ଅଭ୍ରଦ୍ୱିତୀ ପରିଡ଼ା


ସୁଶାନ୍ତ ଶତପଥୀ


ଆଲୋକ ବେହେରା


ରାକ୍ଷୀ ଦାସ


ରୁଦ୍ରନାରାୟଣ ପରିଡ଼ା


ସୁଶ୍ରିତା ରଥ


ସିଏଚ୍ ମହେନ୍ଦ୍ର ପାତ୍ରୋ


ସଚ୍ଚି ଦାସ


ସଚିନ କୁମାର ଦେ


ଶକ୍ତି ମହାପାତ୍ର


ସମୀର ଧଳ


ଶଙ୍କର ଘୋଷ


ସନ୍ତୋଷ କୁମାର ଦାସ


ତାପସ କୁମାର ସାହୁ

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...


ସ୍ମିତା ଭଟ୍ଟାଚାର୍ଯ୍ୟ


ସ୍ମୃତିରଞ୍ଜନ


ସୋହନା ମିଶ୍ର


ଚୁନି ରିୟା


ଅସିତା ଶତପଥୀ


ରାଜଶ୍ରୀ ବେହେରା


ରାଜେଶ କୁମାର ଅଗ୍ରୱାଲ


ଝୀରୀ ଗଞ୍ଜନ ପଟ୍ଟନାୟକ


ସୁବାସିନୀ ହୋତା


ଶ୍ୱେତା ରଥ


ସୁମନ ଦାସ


ତପନ ବେହେରା


ସୁମନ ତ୍ରିପାଠୀ


ସୁନୀଲ ମିଶ୍ର


ସୂର୍ଯ୍ୟମଣି ପଣ୍ଡା


ସୁରଜିତ୍ ମହାପାତ୍ର


ସନ୍ତୋଷ କୁମାର ସାହୁ


ଦିଲ୍ଲୀପ ଦାସ


ସୁଶାନ୍ତ କୁମାର ପୃଷ୍ଟି

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...


ଅବକାଶ ମିଶ୍ର


ଅଭିନନ୍ଦନ ଦାସ


ସ୍ୱାଧୀନ କୁମାର


ଶର୍ମିଷ୍ଠା ନାୟକ


ଅଭିନବ ସିଂ


ଓମ୍ ପ୍ରକାଶ


କ୍ରିଷ୍ଣା କୁମାର


ଗାୟତ୍ରୀ ଦାସ


ବିଜୟ ଆନନ୍ଦ


ଜଗନ୍ନାଥ ସାହୁ


ସଞ୍ଜୀବ ଦାସ


ଛବିତା ମାର୍ଥା


ପୁଷ୍ପା ପଣ୍ଡା


ପ୍ରଶାନ୍ତ ରଣା


ଅଶ୍ରୁମୋଚନ ମହାନ୍ତି


ଜ୍ଞାନ


ମିହିରି ତ୍ରିପାଠୀ


ଶଙ୍କର


ପ୍ରଜ୍ଞା


ପବିତ୍ର ପଟ୍ଟନାୟକ

# ଆମ OKS ପରିବାରର ସଦସ୍ୟ ଏବଂ ସଦସ୍ୟା...


ଦେବସ୍ମିତା ପଣ୍ଡା


ସ୍ୱାଗତିକା ମୁଦୁଲି


ସନ୍ତୋଷ ଧଳସାମନ୍ତ


ସୋନାଲି ରଥ


ମୁନ୍‌ମୁନ୍ ଖୁଣ୍ଟିଆ


ବେବି ପ୍ରଧାନ


ଝୁନା ପଟ୍ଟନାୟକ


ସ୍ୱପ୍ନା ନିଷଙ୍କ


ରାଜେଶ ଧଳସାମନ୍ତ


ସମ୍ବିତ୍ ରାୟ


ସୁଶ୍ରୀ ସୁଭଶ୍ରୀ


ହୃଷିକେଶ ଦାସ


ଅକ୍ଷୟ ବସ୍ତିଆ


ଦିଲ୍ଲୁ ରଥ


ବବି ପରିଡ଼ା


ବିଭୂଦତ୍ତ ଦୀକ୍ଷିତ୍


କୁମାର ଗୌରବ


ବନ୍ଟୁ ରଣା


ଶକ୍ତି ପ୍ରସାଦ ମିଶ୍ର


ବିକାଶ ଚନ୍ଦ୍ର ବାରିକ

# ସ୍ମୃତିରେ ସ୍ମୃତିରେ ମନେପଡ଼ ତୁମେ...


୰ ମୋହନ ସୁନ୍ଦର ଦେବ ଗୋସ୍ୱାମୀ


୰ ଅକ୍ଷୟ ମହାନ୍ତି (କାଶ୍ୟପ)


୰ ଅକ୍ଷୟ ମହାନ୍ତି


୰ ଅଜିତ୍ ଦାସ


୰ ଅନିତା ଦାସ


୰ ଅରବିନ୍ଦ ମୁଦୁଲି


୰ ବାଳକୃଷ୍ଣ ଦାସ


୰ ବସନ୍ତ ନାୟକ


୰ ବାସୁଦେବ ରଥ


୰ ଭିକାରୀ ବଳ


୰ ବିଜୟ ମିଶ୍ର


୰ ଶାନ୍ତିଲତା ବାରିକ


୰ ବିଜୟ ମହାନ୍ତି


୰ ବିଜୟ ପଟ୍ଟନାୟକ


୰ ବିରାଜ ଦାସ


୰ ବ୍ୟୋମକେଶ ତ୍ରିପାଠୀ

# ସ୍ମୃତିରେ ସ୍ମୃତିରେ ମନେପଡ଼ ତୁମେ...



୰ ଦେବୁ ବୋଷ



୰ ଦୀପା ସାହୁ



୰ ଧୀର ବିଶ୍ୱାଳ



୰ ଚିତ୍ତ ଜେନା



୰ ଦୁର୍ଲଭ ସିଂ



୰ ଗଙ୍ଗାଧର ପ୍ରଧାନ



୰ ହର ପଟ୍ଟନାୟକ



୰ ଦୁଃଖିରାମ ସ୍ୱାଇଁ



୰ ଗୋପାଳ ଘୋଷ



୰ ଗୋବିନ୍ଦ ଚନ୍ଦ୍ର ତେଜ୍



୰ କେଳୁଚରଣ ମହାପାତ୍ର



୰ ଗ୍ଲୋରିଆ ମହାନ୍ତି



୰ କାଶୀନାଥ ସାହୁ



୰ କାଶୀ ରଥ



୰ ତପୁ ମିଶ୍ର



୰ ହେମନ୍ତ ଦାସ



୰ ଶ୍ରୀମତୀ ଝରଣା ଦାସ



୰ ସ୍ୱରୂପ ନାୟକ



୰ ମଣିମାଳା ଦେବୀ

# ସ୍ମୃତିରେ ସ୍ମୃତିରେ ମନେପଡ଼ ତୁମେ...


୰ ଗୀତା ଦତ୍ତ


୰ ମନମୋହନ ମହାପାତ୍ର


୰ ମିହିର ଦାସ


୰ ମୀନକେତନ ଦାସ


୰ ପ୍ରିୟନାଥ ମିଶ୍ର


୰ ରବି ମିଶ୍ର


୰ ରାଧା କୃଷ୍ଣ ଭଞ୍ଜ


୰ ରାଇ ମୋହନ ପରିଡ଼ା


୰ ମହମ୍ମଦ ମହାସୀନ


୰ ନାରାୟଣ ପ୍ରସାଦ ସିଂ


୰ ନେତ୍ରାନନ୍ଦ ମିଶ୍ର


୰ ନିମାଇଁ ଚରଣ ହରିଚନ୍ଦନ


୰ ନିରଦ ମହାପାତ୍ର


୰ ନିରଞ୍ଜନ ଶତପଥୀ


୰ ନିତାଇ ପାଲିତ


୰ ଏମ୍.ଡି. ନିଜାମ


୰ ପଣ୍ଡିତ ଭୁବନେଶ୍ୱର ମିଶ୍ର


୰ ପାର୍ବତୀ ଘୋଷ


୰ ପିଣ୍ଟୁ ନନ୍ଦ


୰ ପ୍ରଫୁଲ୍ଲ କର

# ସ୍ମୃତିରେ ସ୍ମୃତିରେ ମନେପଡ଼ ତୁମେ...


୰ ରାଖାଲ ଚନ୍ଦ୍ର ମହାନ୍ତି


୰ ରାମଚନ୍ଦ୍ର ପ୍ରତିହାରୀ


୰ ରଞ୍ଜିତ ପଟ୍ଟନାୟକ


୰ ଶରତ ପୂଜାରୀ


୰ ସଚ୍ଚି ଦାସ


୰ ସଲିଲ ମିତ୍ର


୰ ସାମୁଏଲ୍ ସାହୁ (ବାବି)


୰ ରାଜୁ ମିଶ୍ର


୰ ସରୋଜ ପଟ୍ଟନାୟକ


୰ ସାନ୍ତନୁ ମହାପାତ୍ର


୰ ସିକନ୍ଦର ଆଲାମ


୰ ଅଭିରାମ ଭାଇ


୰ ସନ୍ତୋଷ ନାଏକ


୰ ନିଶି କର


୰ ଅମରେନ୍ଦ୍ର ମହାନ୍ତି


୰ ସୁବୋଧ ପଟ୍ଟନାୟକ


୰ ଅସିମ ବସୁ


୰ ବୈକୁଣ୍ଠ ଦାସ


୰ ରାଜଲକ୍ଷ୍ମୀ

# ସ୍ମୃତିରେ ସ୍ମୃତିରେ ମନେପଡ଼ ତୁମେ...


୰ ରୁନୁ ପରିଜା


୰ ଚକ୍ରଧର ଜେନା


୰ ଚଞ୍ଚ


୰ ପ୍ରକାଶ ମହାପାତ୍ର


୰ ସତ୍ୟଜିତ୍ ପୁରୋହିତ


୰ ପପୁ


୰ ରାଜା ପଟ୍ଟନାୟକ


୰ ଜିମୁତ ପଟ୍ଟନାୟକ


୰ ଦିଲ୍ଲିପ କୁମାର ଦାସ


୰ ମାମିନା


୰ ନିକିତା


୰ ନାଲୁ ଭାଇ


୰ ଶରତ ମାଝୀ


୰ ସମାଜ ପତି


୰ ଉତ୍ତମ ମହାନ୍ତି


୰ ଅଶୋକ ବଳ


୰ ନାରାୟଣ ପତି


୰ ପାର୍ଥୋ ଘୋଷ


୰ ଅୟସକାନ୍ତ ସ୍ୱାଇଁ


୰ ରମଣୀ ରଞ୍ଜନ ପରମାଣିକ

# ସ୍ମୃତିରେ ସ୍ମୃତିରେ ମନେପଡ଼ ତୁମେ...


୰ ଜ୍ଞାନରଞ୍ଜନ ପ୍ରିୟଦର୍ଶନ


୰ ଅଜିତ୍ ଦଳେଇ


୰ ଶ୍ରୀକାନ୍ତ ଦାସ


୰ ବିନୟ ରଥ


୰ ଲିପୁ


୰ ଝରଣା ମଲ୍ଲିକ


୰ ଲିଟିଲ୍ କର


୰ ବଳଭଦ୍ର ପଣ୍ଡା


୰ ବନମାଳୀ ମହାରଣା


୰ ବିମଳ ଘୋଷ


୰ ଧନଞ୍ଜୟ ଶତପଥୀ


୰ ନରେନ୍ଦ୍ର ବେହେରା


୰ ବୃନ୍ଦାବନ ଜେନା


୰ ତାପସ ବୋଷ


୰ ଗୌର ପ୍ରସାଦ ଘୋଷ


୰ ରବି ଶଙ୍କର ପ୍ରଧାନ


୰ ଗୀତ ପଟ୍ଟନାୟକ


୰ ରବି ସ୍ୱାଇଁ


୰ ପ୍ରସନ୍ନଜିତ ମହାନ୍ତି

# ସ୍ମୃତିରେ ସ୍ମୃତିରେ ମନେପଡ଼ ତୁମେ...


୰ ଉପେନ୍ଦ୍ର ଭଞ୍ଜ


୰ ରାଧାକାନ୍ତ ନନ୍ଦ


୰ ରମେଶ ମହାନ୍ତି


୰ ଦିଲ୍ଲୀପ କୁମାର ରାୟ


୰ ହ୍ୟୁମାନ ସାଗର


୰ ଅଭିଜିତ ମଜୁମଦାର


୰ ପଣ୍ଡିତ ଉମେଶ ଚନ୍ଦ୍ର କର


୰ ସରୋଜ ନନ୍ଦ


୰ ସୂର୍ଯ୍ୟରଶ୍ମୀ ଦାଶ


୰ପ୍ରସନ୍ନ କୁମାର ଶତପଥୀ(ମାମା)

ଦିଂବଗତ ଓଡ଼ିଆ କଳାକାରମାନଙ୍କୁ
ଓଡ଼ିଆ କଳାକାରଙ୍କ ସ୍ୱର (OKS)
ପରିବାର ତରଫରୁ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି


P.K. REPROGRAPHICS

The Art & Crafts

• Advertising • Designing & Printing • Documentary Film

Corp. Off. : 4-B, Hindustan House, Canal Road, Palasuni, Rasulgarh, Bhubaneswar-751010
Branch Off. : 150, Nirmal Market, Power House Road, Rourkela - 769001, Odisha, India
Residence : Flat No. 102, Bhagirath Villa, Canal Road, Palasuni, Rasulgarh, Bhubaneswar-10
Call. : 0674-2966664, 9437395999, 8763666664, E-mail : pk500500@gmail.com

# OKS ଗୌରବ ସମ୍ମାନ-୨୦୨୬

ଏକତ୍ର, ରାଉରକେଲା
(୨୦୦୫ରେ ସ୍ଥାପିତ)

କଳାବିକାଶ କେନ୍ଦ୍ର, କଟକ
(୧୯୫୨ରେ ସ୍ଥାପିତ)

ସାମାଜିକ ଯୁବ ସଂଗଠନ
(ଖଣ୍ଡଗିରି, ଭୁବନେଶ୍ୱର)

ଉତ୍ତରପୁରୁଷ, ଭୁବନେଶ୍ୱର
(୧୯୭୨ରେ ସ୍ଥାପିତ)


ଡ଼. ମାନସ ଦାଶ
(ସାମ୍ବାଦିକ)

# OKS ଗନ୍ଧର୍ବ କଳା ସମ୍ମାନ-୨୦୨୬


ଗୁରୁ ଶ୍ରୀଯୁକ୍ତ ସୁଶାନ୍ତ ବେହେରା
(ଛଉନୃତ୍ୟ)


ଗୁରୁ ଶ୍ରୀଯୁକ୍ତ ପ୍ରବୋଧ ରଥ
(ନାଟ୍ୟ ନିର୍ଦ୍ଦେଶକ)


ଗୁରୁ ଶ୍ରୀଯୁକ୍ତ ଗୌରୀଶଙ୍କର ଦାଶ
(ଓଡ଼ିଶୀ ନୃତ୍ୟ)


ଗୁରୁ ଶ୍ରୀଯୁକ୍ତ ଗୌରୀଶଙ୍କର
(ଦୁର୍ଗାସଂହାରି ନୃତ୍ୟ)


ଗୁରୁ ଶ୍ରୀଯୁକ୍ତ ସୁକାନ୍ତ ଜାଟ
(ଢେମସା ନୃତ୍ୟ)


ଗୁରୁ ଶ୍ରୀଯୁକ୍ତ ମହେନ୍ଦ୍ର ପାତ୍ରୋ
(ମଣିଷ ବାଘ ନୃତ୍ୟ)


ଗୁରୁ ଶ୍ରୀଯୁକ୍ତ ପରମେଶ୍ୱର ସ୍ୱାଇଁ
(ଅଭିନେତା ଏବଂ କଣ୍ଠଶିଳ୍ପୀ)


ଗୁରୁ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଛତ୍ରୀୟା
(ଘୁଡୁକା ନୃତ୍ୟ)


ଶ୍ରୀଯୁକ୍ତ ବାପି ପଣ୍ଡା
(ଯାତ୍ରା ଅଭିନେତା)


ଶ୍ରୀଯୁକ୍ତ ରବି ମିଶ୍ର
(ଚଳଚିତ୍ର ଅଭିନେତା)


ଶ୍ରୀ ଜ୍ୟୋତିପ୍ରକାଶ ପଣ୍ଡା
(ଧାରାବାହିକ ଅଭିନେତା)


ଅନୁସୂୟା ଚୌଧୁରୀ
(ଚଳଚିତ୍ର ଅଭିନେତ୍ରୀ)


ଗୁରୁ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ସାହୁ
(କୋଠିଶାଳ ନୃତ୍ୟ)


ଶ୍ରୀ ଓମ୍ ମହାପାତ୍ର
(ଲୋକକଳା ସୁସଂଗଠକ)

# OKS ସେବାରତ୍ନ ସମ୍ମାନ ୨୦୨୬


ସୁମନ ତ୍ରିପାଠୀ


ସୁକାନ୍ତି ମହାପାତ୍ର


ପୁଷ୍ପଶ୍ରୀ ଦାସ


ଲକ୍ଷ୍ମୀପ୍ରିୟା ପଣ୍ଡା


ଗୀତାଞ୍ଜଳି ବେହେରା


ସୁମନ ଦାସ


ପ୍ରଶାନ୍ତ ଦାସ


ଏସ. କେ. ସକିଲ


ଶ୍ରୀମାନ୍ ଉଜ୍ଜ୍ୱଳ ପଣ୍ଡା


ଅସିତା ଶତପଥୀ


ସହଦେବ ମହାରଣା


ସିନା ମହାନ୍ତି


ରାଜଲକ୍ଷ୍ମୀ ମିଶ୍ର


ସବିତା ସାହୁ


ପ୍ରକାଶ ସ୍ୱାଇଁ


ସ୍ୱାଗତିକା ମୁଦୁଲି


ସାର୍ଥକ ପ୍ରଧାନ


ମନୀଷା ରଥ


ପ୍ରଦୀପ ପ୍ରଧାନ


ଚୌଧୁରୀ ଶାଶ୍ୱତ ମହାପାତ୍ର

# OKS ସ୍ୱାସ୍ଥ୍ୟ ବୀର (ସ୍ୱେଚ୍ଛାକୃତ ରକ୍ତଦାତା)


ବରଦା ପ୍ରସନ୍ନ ପାତ୍ର
(A+)


ସ୍ୱର୍ଣ୍ଣଲତା ବିଶ୍ୱାଳ
(O+)


ପ୍ରଶାନ୍ତ କୁମାର ଷଡ଼ଙ୍ଗୀ
(O+)


ଲକ୍ଷ୍ମୀପ୍ରିୟା ପଣ୍ଡା
(A+)


ଗୀତାଞ୍ଜଳି ବେହେରା
(B+)


ମୃଣ୍ମୟ ନାୟକ
(B+)


ପ୍ରଶାନ୍ତ କୁମାର ଦାଶ
(O+)


ମୃତ୍ୟୁଞ୍ଜୟ ପଣ୍ଡା
(A-)


ଉଜ୍ଜ୍ୱଳ ପଣ୍ଡା
(O+)


ମାନସ ବେହେରା
(B+)


ସନ୍ଧ୍ୟାରାଣୀ ଉପାଧ୍ୟାୟ
(O+)


ସୁଶାନ୍ତ କୁମାର ଶତପଥୀ
(A+)


ତାପସ କୁମାର ସାହୁ
(O+)


ଜ୍ଞାନଦୀପ ଖୁଣ୍ଟିଆ
(O+)


ବାପୁ ରଥ
(B+)


ଜାମିନୀକାନ୍ତ ମିଶ୍ର
(O+)


ପ୍ରକାଶ କୁମାର ସ୍ୱାଇଁ
(O+)


ସୁଶ୍ରିତା ରଥ
(B+)


ଅନ୍ନଦା ପ୍ରଶାଦ ରାୟ
(O+)


ମନୀଷା ରଥ
(B+)


ଅସିତା ଶତପଥୀ
(B+)


ତପନ ବେହେରା
(B+)


ସବିତା ମଞ୍ଜରୀ ସାହୁ
(B+)

# ଓଡ଼ିଆ କଳାକାରଙ୍କ ସ୍ୱର (OKS) ଦ୍ୱାରା ଗନ୍ଧର୍ବ କଳା ସମ୍ମାନ - ୨୦୨୪ରେ ସମ୍ମାନୀତ ବ୍ୟକ୍ତିବୃନ୍ଦ...



ଗୁରୁ ଶ୍ରୀ ଚୌଧୁରୀ ବିଭାର (ଲୋକବାଦ୍ୟ)



ଶ୍ରୀ ପ୍ରବୋଧ ରଥ (ନାଟ୍ୟ ନିର୍ଦ୍ଦେଶକ)



ଗୁରୁ ଶ୍ରୀ ନିରଞ୍ଜନ ରାଉତ (ଓଡ଼ିଶୀ ନୃତ୍ୟ)



ପଦ୍ମଶ୍ରୀ ଉତ୍ସବ ଚରଣ ଦାସ (ଚଇତିଘୋଡ଼ା ନୃତ୍ୟ)



ଶ୍ରୀ ପ୍ରଦ୍ୟୁମ୍ନ ଲେଙ୍କା (ପ୍ରଯୋଜକ)



ଗୁରୁ ଶ୍ରୀ ଶିଳ୍ପୀ କେଶୁ ଦାସ (ଯଉକଣ୍ଢେଇ)



ଶ୍ରୀ ରୋହନ ମହପାତ୍ର (ଲୋକ କଳା ପ୍ରଚରକ)



ଶ୍ରୀମତୀ ସଙ୍ଗୀତା ଗୋସାଇଁ (ଓଡ଼ିଶୀ ସଙ୍ଗୀତ)



ଶ୍ରୀ ତାନ୍‌ସେନ୍ ସିଂ (ପ୍ରଖ୍ୟାତ କଣ୍ଠଶିଳ୍ପୀ)



ଶ୍ରୀ ପ୍ରଣବ ଦାସ (ଚଳଚ୍ଚିତ୍ର ନିର୍ଦ୍ଦେଶକ)



ଶ୍ରୀ ପ୍ରଶାନ୍ତ ପାଢ଼ୀ (ସଙ୍ଗୀତ ନିର୍ଦ୍ଦେଶକ)



ଶ୍ରୀ ଯୁଗଳ ଦେବତା (ବରିଷ୍ଠ ଚିତ୍ରୋତ୍ତଳନକାରୀ)



ଶ୍ରୀ ସତ୍ୟଜିତ୍ ପରିଡ଼ା (ସମାଜସେବୀ ଓ ପ୍ରାୟୋଜକ)



ଗୁରୁ ଶ୍ରୀ ଜଗଦିସ ପାଣିଗ୍ରାହୀ (ପଶୁମୁଖା ଲୋକନୃତ୍ୟ)

# ଓଡ଼ିଆ କଳାକାରଙ୍କ ସ୍ୱର (OKS) ଦ୍ୱାରା
# ଗନ୍ଧର୍ବ କଳା ସମ୍ମାନ - ୨୦୨୪ରେ ସମ୍ମାନୀତ ବ୍ୟକ୍ତିବୃନ୍ଦ...





ଗୁରୁ ଶ୍ରୀ ଲଡୁକେଶ୍ୱର ରଣା (ଛଉନୃତ୍ୟ)



ପଦ୍ମଶ୍ରୀ ପଦ୍ମିନୀ ଦୋରା (ଲୋକସଙ୍ଗୀତ)



ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଚଳଚ୍ଚିତ୍ର ଅଭିନେତା ଏବଂ ବିଧାୟକ)





ଶ୍ରୀ ସଞ୍ଜୟ ସାହୁ (ଆଲୋକ ବିତରଣ)



ଶ୍ରୀ ପରମେଶ୍ୱର ନାୟକ (ସଙ୍ଗଠକ)



ଶ୍ରୀ ଦୈତାରୀ ପଣ୍ଡା (ଯାତ୍ରା ସମ୍ରାଟ)



ଶ୍ରୀ ଜାନକୀ ମିଶ୍ର (ବରିଷ୍ଠ ଅଭିନେତା)



ଗୁରୁ ଶ୍ରୀ ଦେବେନ୍ଦ୍ରନାଥ ଦାସ (ଦାଶକାଠିଆ)



ଗୁରୁ ଶ୍ରୀ ଧନେଶ୍ୱର ସ୍ୱାଇଁ (ପଖଜ ବାଦକ)



ଗୁରୁ ଶ୍ରୀ ଦିବ୍ୟରଞ୍ଜନ ପଟ୍ଟନାୟକ (ଶାସ୍ତ୍ରୀୟ ସଙ୍ଗୀତ)



ଗୁରୁ ଶ୍ରୀ ଧ୍ୟାନ ପଣ୍ଡା (ବଜାଶାଲ ନୃତ୍ୟଗୁରୁ)



ଶ୍ରୀ ନାରାୟଣ ଚନ୍ଦ୍ର ଓଝା (ସମାଜସେବୀ)



ଡ. ରଜନୀ ରଞ୍ଜନ (ଲେଖକ, ଓଡ଼ିଆ ଚଳଚ୍ଚିତ୍ର)



ଗୁରୁ ଶ୍ରୀ ରାଜେନ୍ଦ୍ର ପ୍ରସାଦ ପାତ୍ର (ଯୋଡ଼ିଶଙ୍ଖ, ରଣପା ନୃତ୍ୟ)



ଗୁରୁ ଶ୍ରୀ ସନ୍ତୋଷ କୁମାର ପାଢ଼ୀ (ଭରତଲୀଳା)

# ଜୁଲାଇ ୨୪ କଳାକାର ଦିବସକୁ ସଫଳ କରିବାରେ ଆପଣମାନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ...


ଶ୍ରୀଯୁକ୍ତ ନିଶିକାନ୍ତ ମିଶ୍ର


ଶ୍ରୀଯୁକ୍ତ ଶ୍ରୀଧର ମାର୍ଥା


ଶ୍ରୀମତୀ ଛବିତା ପଟ୍ଟନାୟକ


ଶ୍ରୀଯୁକ୍ତ ଦେବାଶିଷ ମହାନ୍ତି


ଶ୍ରୀଯୁକ୍ତ ଚିନ୍ମୟ ବଡଜେନା


ଶ୍ରୀଯୁକ୍ତ ଦେବବ୍ରତ ନାୟକ


ଶ୍ରୀଯୁକ୍ତ ରାଜେଶ ଅଗର୍‌ୱାଲ


ତ୍ରିଲୋଚନ ରଥ


ଶ୍ରୀମତୀ କାବେରୀ ଶତପଥୀ


ଶ୍ରୀମତୀ ସୁଜାତା କୁମାର


ଶ୍ରୀଯୁକ୍ତ ଶିବ ନାରାୟଣ ପୂଜାପଣ୍ଡା


ଶ୍ରୀମତୀ ମିଲି ମିଶ୍ର


ଶ୍ରୀଯୁକ୍ତ ରସାନନ୍ଦ ଦାଶ


ଶ୍ରୀମତୀ ସନ୍ଧ୍ୟାରାଣୀ ଉପାଧ୍ୟାୟ

**ଓଡିଆ କଳାକାରଙ୍କ ସ୍ୱର ପରିବାର ତରଫରୁ ଆନ୍ତରିକ ଧନ୍ୟବାଦ ।**

TEAM
CULTURAL PATRON

TEAM
GROUP OF COMPANIES



ଟିମ ତରଫରୁ ୨୪ ଜୁଲାଇ କଳାକାର ଦିବସ ଉପଲକ୍ଷେ
ଓଡ଼ିଶାର ସମସ୍ତ କଳାକାର ଭାଇଭଉଣୀମାନଙ୍କୁ
ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

- ଶ୍ରୀଯୁକ୍ତ ନିଶିକାନ୍ତ ମିଶ୍ର (ସି.ଏମ୍.ଡି.)
ଟିମ୍ ଗ୍ରୁପ୍ ଅଫ କମ୍ପାନୀ



**ବରଦା ପ୍ରଶନ୍ନ ପାତ୍ର**
**କଳାକାର**

# ।। ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ।।

କଳା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ସମାଜର ଦର୍ପଣ ଏବଂ ସଂସ୍କୃତିର ବାହକ। ଆଜି ଆମ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରି ଯେଉଁ ସୁନାମ ଓ ଗୌରବର ଶୀର୍ଷରେ ପହଞ୍ଚିଛି, ତାହା ଦିନକରେ ବା ଆପେ ଆପେ ସମ୍ଭବ ହୋଇନାହିଁ। ଏହା ପଛରେ ରହିଛି ଅଗଣିତ ବରିଷ୍ଠ କଳାକାରମାନଙ୍କର ବର୍ଷ ବର୍ଷର ନିଷ୍ଠା, ଅକ୍ଳାନ୍ତ ପରିଶ୍ରମ ଏବଂ ଅପରିସୀମ ତ୍ୟାଗ। "କଳାକାରଙ୍କ ସ୍ୱର' ବାର୍ଷିକ ପତ୍ରିକାର ଏହି ବିଶେଷ ସଂସ୍କରଣରେ, ମୁଁ ଯୁଗ୍ମ ସଂପାଦକ ହିସାବରେ ଆମ ଇଣ୍ଡଷ୍ଟ୍ରିର ସେହି ଭୀଷ୍ମ ପିତାମହ ଓ ପଥପ୍ରଦର୍ଶକମାନଙ୍କ ସ୍ମୃତି ଚାରଣ କରି ସେମାନଙ୍କ ଚରଣ କମଳରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

**ସଂଘର୍ଷରୁ ସାଫଲ୍ୟର ସେତୁ :** ଏକ ସମୟ ଥିଲା, ଯେତେବେଳେ ସୀମିତ ସମ୍ବଳ, ସ୍ୱଳ୍ପ ବଜେଟ୍ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଅଭାବ ସତ୍ତ୍ୱେ ଆମର ବରିଷ୍ଠ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ, ସଙ୍ଗୀତକାର ଓ କଳାକାରମାନେ ଓଡ଼ିଆ ସିନେମାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ପରଦାରୁ ଆରମ୍ଭ କରି ଆଜିର ଡିଜିଟାଲ୍ ଯୁଗ ପର୍ଯ୍ୟନ୍ତ, ସେମାନେ ପ୍ରତିଟି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଓଡ଼ିଆ ସିନେମାର ଅସ୍ତିତ୍ୱକୁ ବଞ୍ଚାଇ ରଖିଛନ୍ତି।

ସେମାନଙ୍କର ନିଖୁଣ ଅଭିନୟ, ଶବ୍ଦର ଯାଦୁ, ଭାବପୂର୍ଣ୍ଣ ସଙ୍ଗୀତ ଏବଂ ମନଛୁଆଁ ଗଳ୍ପ ଓଡ଼ିଶାର ଘରେ ଘରେ ଆମ ସଂସ୍କୃତିକୁ ଜୀବନ୍ତ କରି ରଖିପାରିଛି। ସେମାନେ କେବଳ ଅଭିନୟ କରିନାହାନ୍ତି, ବରଂ ନିଜ ଜୀବନକୁ ରଙ୍ଗମଞ୍ଚ ଓ ରୂପେଲି ପରଦା ପାଇଁ ସମର୍ପି ଦେଇଛନ୍ତି।

**ଆମ ପାଇଁ ପ୍ରେରଣାର ଉତ୍ସ :** ଆଜି ଯେଉଁ କଳାକାରମାନେ ଆମ ଗହଣରେ ଅଛନ୍ତି, ସେମାନଙ୍କ ମାର୍ଗଦର୍ଶନ ଆମ ପାଇଁ ଆଶୀର୍ବାଦ ଏବଂ ଯେଉଁ ଅମର ଆତ୍ମାମାନେ ଆମକୁ ପର କରି ଚାଲିଯାଇଛନ୍ତି, ସେମାନଙ୍କର ସ୍ମୃତି, ସେମାନଙ୍କର କାମ ସଦାସର୍ବଦା ଆମ ହୃଦୟରେ ଅମଳିନ ରହିବ। ସେମାନେ ଛାଡିଯାଇଥିବା ପଦଚିହ୍ନ ହିଁ ଆଜିର ଯୁବପିଢ଼ିଙ୍କ ପାଇଁ ଏକ ଶିକ୍ଷଣୀୟ ପାଠଶାଳା। ସେମାନଙ୍କର ଅଭିନୟର ଶୈଳୀ ଓ ଅନୁଶାସନକୁ ଅନୁକରଣ କରି ଆଜିର ନୂତନ କଳାକାରମାନେ ଆଗକୁ ବଢୁଛନ୍ତି।

"କଳାକାରର କେବେ ମୃତ୍ୟୁ ହୁଏ ନାହିଁ, ସେ ନିଜ କଳା ମାଧ୍ୟମରେ ସବୁଦିନ ପାଇଁ ଅମର ହୋଇ ରହେ।'

"ସ୍ୱର ଓ ସ୍ୱାକ୍ଷର' କେବଳ ଏକ ପତ୍ରିକା ନୁହେଁ, ଏହା ହେଉଛି ପ୍ରତିଟି କଳାକାରର ସୁଖ-ଦୁଃଖ ଓ ସ୍ୱାଭିମାନର ସ୍ୱର। ଯୁଗ୍ମ ସଂପାଦକ ଭାବରେ ମୁଁ ଅନୁଭବ କରୁଛି ଯେ, ଆମ ବରିଷ୍ଠ କଳାକାରମାନଙ୍କୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ଅବଦାନକୁ ଇତିହାସର ପୃଷ୍ଠାରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ।

ଆସନ୍ତୁ, ଏହି ବାର୍ଷିକ ଉତ୍ସବ ଅବସରରେ ସେହି ମହାନ ସ୍ରଷ୍ଟାମାନଙ୍କୁ ସ୍ମରଣ କରିବା, ସେମାନଙ୍କ ସ୍ମୃତିକୁ ପାଥେୟ କରି ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିକୁ ଆହୁରି ଆଗକୁ ନେଇଯିବା ପାଇଁ ସଂକଳ୍ପବଦ୍ଧ ହେବା।

ସେହି ସମସ୍ତ ପୂଜ୍ୟପୂଜକ ଓ କଳାର ସାଧକମାନଙ୍କୁ ମୋର କୋଟି କୋଟି ପ୍ରଣାମ।

ଜୟ ଜଗନ୍ନାଥ! ଜୟ ଓଡ଼ିଆ କଳା ସଂସ୍କୃତି!! ଜୟ ଓଡ଼ିଆ କଳାକାରଙ୍କ ସ୍ୱର!!!

**(ଯୁଗ୍ମ ସମ୍ପାଦକ, OKS)**

# ଓଡ଼ିଆ ସିନେମାର ନବକଳେବର



**Mrunmaya Nayak**
**Anchor / Actor**

ଓଡ଼ିଆ ସିନେମାର ଇତିହାସ ବେଶ୍ ସମୃଦ୍ଧ। 'ସୀତା ବିବାହ'ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଅନେକ ସୁବର୍ଣ୍ଣ ଯୁଗ ଦେଖିଛି। କିନ୍ତୁ ଆଜିର ବିଶ୍ୱସ୍ତରୀୟ ଏବଂ ଡିଜିଟାଲ୍ ଯୁଗରେ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଆହୁରି ଆଗକୁ ନେବା ପାଇଁ ଏବଂ ଅନ୍ୟ ଆଞ୍ଚଳିକ ସିନେମା (ଯେପରିକି ସାଉଥ୍ କିମ୍ବା ମରାଠୀ ଫିଲ୍ମ) ଭଳି ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଆମକୁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ।

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ସଫଳ ପ୍ରତ୍ୟାବର୍ତ୍ତନ ଏବଂ ଆଗାମୀ ଦିନରେ ଏହାର ବିକାଶ ପାଇଁ କେତେକ ମୁଖ୍ୟ ପଦକ୍ଷେପ ଏହିପରି ହୋଇପାରେ :

**୧. ମୌଳିକ କାହାଣୀ ଏବଂ ଓଡ଼ିଶାର ମାଟିର ବାସ୍ନା**

କପି-ପେଷ୍ଟ୍ କିମ୍ବା ରିମେକ୍ ସଂସ୍କୃତିରୁ ବାହାରି ଆମକୁ ମୌଳିକ (Original) କାହାଣୀ ଉପରେ ଜୋର୍ ଦେବାକୁ ହେବ। ଓଡ଼ିଶାର ସଂସ୍କୃତି, ଇତିହାସ, ମହାନାୟକ ଏବଂ ଗ୍ରାମୀଣ ଜୀବନରେ ଏମିତି ଅନେକ କାହାଣୀ ଅଛି ଯାହା ଦର୍ଶକଙ୍କ ହୃଦୟକୁ ଛୁଇଁପାରିବ। ଯେତେବେଳେ କାହାଣୀରେ ଆମ ମାଟିର ବାସ୍ନା ରହିବ, ସେତେବେଳେ ସ୍ଥାନୀୟ ଦର୍ଶକ ଫିଲ୍ମ ହଲ୍‌କୁ ଟାଣି ହୋଇ ଆସିବେ।

**୨. ବୈଷୟିକ ଜ୍ଞାନକୌଶଳ (Technical Excellence)ର ଉନ୍ନତି**

ଆଜିର ଦର୍ଶକ ବହୁତ ସ୍ମାର୍ଟ। ସେମାନେ ଓଡ଼ିଆ ଫିଲ୍ମକୁ ହଲିଉଡ୍ କିମ୍ବା ବଲିଉଡ୍ ସହ ତୁଳନା କରୁଛନ୍ତି। ତେଣୁ ସିନେମାଟୋଗ୍ରାଫି, ସାଉଣ୍ଡ୍ ଡିଜାଇନ୍, ଭିଜୁଆଲ୍ ଇଫେକ୍ଟସ୍ (VFX) ଏବଂ ଏଡିଟିଂର ମାନ ବଢ଼ାଇବାକୁ ପଡ଼ିବ। ବଜେଟ୍ କମ୍ ଥିଲେ ମଧ୍ୟ ସ୍ମାର୍ଟ ମେକିଂ ଜରିଆରେ ଏକ ଭଲ କ୍ୱାଲିଟିର ସିନେମା ପ୍ରସ୍ତୁତ କରାଯାଇ ପାରିବ।

**୩. ଓଟିଟି (OTT) ପ୍ଲାଟଫର୍ମର ସଦୁପଯୋଗ**

ଆଜିର ସମୟରେ କେବଳ ସିନେମା ହଲ୍ ଉପରେ ନିର୍ଭର କରି ରହିଲେ ଚଳିବ ନାହିଁ। ଆମକୁ ଆମର ଓଡ଼ିଆ ଓଟିଟି ଆପ୍‌ଗୁଡ଼ିକୁ ଆହୁରି ମଜବୁତ କରିବାକୁ ହେବ ଏବଂ ଜାତୀୟ ସ୍ତରର ପ୍ଲାଟଫର୍ମ ଯେପରିକି Netflix, Amazon Prime, କିମ୍ବା JioCinemaରେ ଓଡ଼ିଆ କଣ୍ଟେଣ୍ଟ ପହଞ୍ଚାଇବାକୁ ଚେଷ୍ଟା କରିବାକୁ ହେବ। ଏହାଦ୍ୱାରା ସାରା ବିଶ୍ୱରେ ଥିବା ଓଡ଼ିଆ ଏବଂ ଅଣଓଡ଼ିଆ ଦର୍ଶକଙ୍କ ପାଖରେ ଆମ ସିନେମା ପହଞ୍ଚିପାରିବ।

**୪. ନୂଆ ପ୍ରତିଭା ଓ ପ୍ରଫେସନାଲ୍ ଆପ୍ରୋଚ୍**

ଇଣ୍ଡଷ୍ଟ୍ରିକୁ ଆଗକୁ ନେବା ପାଇଁ ନୂଆ ନିର୍ଦ୍ଦେଶକ, ଲେଖକ ଏବଂ ଅଭିନେତା/ଅଭିନେତ୍ରୀମାନଙ୍କୁ ସୁଯୋଗ ମିଳିବା ଉଚିତ୍। ଏହା ସହିତ ଫିଲ୍ମ ମେକିଂ ପ୍ରକ୍ରିୟାକୁ ଅଧିକ ବ୍ୟାବସାୟିକ ଏବଂ ଅନୁଶାସିତ (Professional) କରିବାକୁ ହେବ, ଯେପରି ପ୍ରତିଟି କାମ ସମୟ ସୀମା ମଧ୍ୟରେ ଏବଂ ସଠିକ୍ ପ୍ଲାନିଂ ସହ ହୋଇପାରିବ।

**୫. ମାର୍କେଟିଂ ଏବଂ ପ୍ରମୋସନ୍**

ଗୋଟିଏ ଭଲ ଫିଲ୍ମ ତିଆରି ହେବା ଯେତିକି ଜରୁରୀ, ଲୋକମାନେ ସେ ବିଷୟରେ ଜାଣିବା ମଧ୍ୟ ସେତିକି ଜରୁରୀ। ସୋସିଆଲ ମିଡିଆର ସଠିକ୍ ବ୍ୟବହାର କରି ଟିଜର୍, ଟ୍ରେଲର୍ ଏବଂ ଗୀତଗୁଡ଼ିକୁ ପ୍ରଭାବଶାଳୀ ଭାବେ ପ୍ରମୋଟ୍ କରିବାକୁ ହେବ। ଯେପରି ରିଲିଜ୍ ପୂର୍ବରୁ ଦର୍ଶକଙ୍କ ମଧ୍ୟରେ ଏକ ଆଗ୍ରହ ସୃଷ୍ଟି ହୋଇପାରିବ।

**ଉପସଂହାର:**

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଆଗକୁ ଯିବାର କ୍ଷମତା ଭରପୂର ରହିଛି। କେବଳ ଆବଶ୍ୟକତା ଅଛି ଏକ ସକାରାତ୍ମକ ପରିବର୍ତ୍ତନର। ଯେତେବେଳେ ପ୍ରଯୋଜକ, ନିର୍ଦ୍ଦେଶକ ଏବଂ କଳାକାରମାନେ ଏକାଠି ହୋଇ ନୂଆ ଚିନ୍ତାଧାରା ସହ କାମ କରିବେ ଏବଂ ଆମେ ଦର୍ଶକ ଭାବେ ସେମାନଙ୍କୁ ହଲ୍‌କୁ ଯାଇ ସପୋର୍ଟ କରିବା, ସେତେବେଳେ ଓଲିଉଡ୍ ନିଶ୍ଚୟ ଏକ ନୂଆ ଉଚ୍ଚତା ଛୁଇଁବ।

# EDUCATION

Alokesh Ray

Education is a passion
a vision a mission,
Education leads to attain self realization,
Education knows mathematical calculation,
Education fulfill required ambition,
Education understand history of generation,
Education fasten the new creation,
Education accelerate permutation combination,
Education teaches cooking style fashion,
Education shows path to prevent devastation,
Education is the tool to make patriotic emotion,
Education can make you proud of them nation,
Education can make you a history in civilization.


SOMA SCHOOL OF EDUCATION

Gopaljee Lane, Cuttack-753001

COUNSELLING & CONSULTATION

- FILM PRODUCTION
- Ad. FILM DIRECTION
- MUSIC COMPOSITION
- SOCIAL EDUCATION



EDUCATION PATH DESTINATION

SCHOOL STARTED FROM DATE : 13-11-2024

CONTACT : ALOKESH RAY, Mob. : 7846903603
HEAD TEACHER : SOMA SCHOOL OF EDUCATION
(SINGER- GEET & GHAZAL /PROF.- GOVT. COLLEGE



କୈଳାସ ପାତ୍ର (କେପି)

# ଆଇନାର ଆରପାଖ

ଝରକା କାଚ ଉପରେ ବର୍ଷା ବୁନ୍ଦାର ଟପ୍‌ଟପ୍ ଶବ୍ଦ। ଘର ଭିତରେ ନୀରବତା। କାନ୍ଥରେ ଝୁଲିଥିବା ବଡ଼ ବଡ଼ ସିନେମା ପୋଷ୍ଟର। କାଚ ସୋ-କେସ୍ ଭିତରେ ସଜା ହେଇଛି ଅନେକ ପୁରସ୍କାର। ଷାଠିଏ ବର୍ଷ ବୟସର ଅଭିନେତ୍ରୀ ଋତୁପର୍ଣ୍ଣା ଦେବୀ ଆଜି ଏକା ବସି ବର୍ଷାର ଶବ୍ଦକୁ ଅନୁଭବ କରୁଥା'ନ୍ତି। ଏକଦା ଓଡ଼ିଆ ସିନେମାର ସୁପରଷ୍ଟାର ଥିଲେ। ଆରାମ୍ ଚୌକିରେ ଗୋଟିଏ ପୁରୁଣା ଫଟୋ ଧରି ଚୁପଚାପ ବସିଥିଲେ। ଯୋଉ ଫୋଟୋଟି ଧରିଥିଲେ ସେଥିରେ ସେ ଥିଲେ ଯୁବତୀ । ବୋଧେ ବୟସ ବାଇଶି ହୋଇଥିବ। ପାଖରେ ଥିଲେ ତାଙ୍କର ସହ-ଅଭିନେତା କୈଳାସ, ନିର୍ଦ୍ଦେଶକ ପ୍ରଶାନ୍ତ ଓ ଅନ୍ୟମାନେ। କିଛି କିଛି ପୁରୁଣା କଥା ମନେପକେଇ ହସୁଥିଲେ ଋତୁପର୍ଣ୍ଣା। ଏତିକି ବେଳେ ହଠାତ୍ ମୋବାଇଲ୍ ବାଜିଉଠିଲା। ତାଙ୍କରି ସିନେମାର ରୋମାଣ୍ଟିକ ଗୀତଟିଏ ବାଜୁଥିଲା ୟୁଟ୍ୟୁବରେ। ତା'କୁ ବନ୍ଦ କରି ଋତୁପର୍ଣ୍ଣା ଉତ୍ସାହରେ ଫୋନ୍ ଧରିଲେ।

-"ହେଲୋ... ?"

ଅପରପାର୍ଶ୍ୱରୁ ଶବ୍ଦ ଆସିଲା- "ମ୍ୟାଡାମ୍, ମୁଁ ରାହୁଲ। ସେନା ବ୍ୟାଙ୍କରୁ କହୁଥିଲି, ଏବେ ଗୋଟେ ବଢିଆ ଅଫର ଆସିଛି ଆପଣଙ୍କ କ୍ରେଡିଟ୍ କାର୍ଡ ଅପଡେଟ୍ କରିବାକୁ।"

ଏତିକି ଶୁଣୁ ଶୁଣୁ ସେ ହାଲ୍‌କା ହସିଲେ।

"ଠିକ୍ ଅଛି... ଦରକାର ନାହିଁ।" ଧନ୍ୟବାଦ।

ଫୋନ୍ କାଟିଦେଲେ। ସେହି ହସ ଭିତରେ ଥିଲା ଏକ ନୀରବ ଦୀର୍ଘଶ୍ୱାସ। ଫୋଟୋକୁ ସାଇଡ଼ରେ ଥିବା ଟେବୁଲ ଉପରେ ରଖି ସେ ସେମିତି ଝରକା ବାହାରକୁ ଚାହିଁ ରହିଲେ ଏବଂ ହଠାତ୍ କାହାଣୀ ପଚିଶ ବର୍ଷ ପଛକୁ ଫେରିଗଲା।

॥ ଦୁଇ ॥

ଷ୍ଟୁଡିଓ ଆଗରେ ହଜାର ହଜାର ଲୋକ।

"ଋତୁପର୍ଣ୍ଣା... ! ଋତୁପର୍ଣ୍ଣା... !" ଅଟୋଗ୍ରାଫ ପାଇଁ ଠେଲାପେଲା। କ୍ୟାମେରାର ଫ୍ଲାଶ ଥମୁନାହିଁ। ଜଣେ ସାମ୍ବାଦିକ ପଚାରିଲେ-

"ମ୍ୟାଡାମ୍! ଆପଣଙ୍କ ଏତେ ସଫଳତାର ରହସ୍ୟ କ'ଣ ?"

ଋତୁପର୍ଣ୍ଣା ହସି କହିଲେ -

"ଯେଉଁ ଦିନ ଦର୍ଶକ ମୋତେ ଭଲପାଇବା ବନ୍ଦ କରିଦେବେ, ସେଦିନ ମୁଁ ନିଜେ ପରଦାରୁ ବିଦାୟ ନେବି।"

ସମସ୍ତେ ତାଳି ମାରିଲେ।

କିନ୍ତୁ ଭାଗ୍ୟ ସେତେବେଳେ ବୋଧେ ଚୁପ୍‌ଚାପ୍ ହସୁଥିଲା। ହସିହସି ଋତୁପର୍ଣ୍ଣା ଫେରିଆସିଲେ ବର୍ତ୍ତମାନକୁ। କାନ୍ଥ ଉପରେ ଲାଗିଥିବା ଏକ ଜଗନ୍ନାଥଙ୍କ ଫୋଟୋ ଉପରେ ନଜର ପଡିଲା। ସେଇଠି ମୁଣ୍ଡିଆ ମାରି ଧନ୍ୟବାଦ ଦେଲେ। ପଞ୍ଚତିରିଶ ବର୍ଷର କ୍ୟାରିୟର ଭିତରେ ସବୁ ମିଳିଛି। ଦର୍ଶକଙ୍କ ଭଲପାଇବା, ଅନେକ ପୁରସ୍କାର, ବହୁତ ଭଲପାଉଥିବା ସ୍ୱାମୀ ଆଉ ଦୁଇ ପୁଅ।

କିନ୍ତୁ ମିଳିନି ବେଶୀ ପଇସା। କାରଣ ସେତେବେଳେ ଆଜି ଭଳି ଏତେ ପଇସା ମିଳୁନଥିଲା। ଏବେବି ଯଦି ଟିପା ଖାତା କାଢ଼ିବେ ଅନେକ ପଇସା ମିଳିନି। ଅନେକ ଥର ଫୋନ କଲା ପରେ ସେମାନେ ଆଉ ଫୋନ ଉଠାଉ ନାହାନ୍ତି। ଧୀରେ ଧୀରେ କାମକୁ ବି ଡାକିବା ବନ୍ଦ କରିଦେଇଥିଲେ। ପଛରେ ଚର୍ଚ୍ଚା

ଚାଲେ ମୁଁ କୁଆଡେ ପଇସା ପଇସା ହେଉଛି ବୋଲି। ଦୁଃଖ ଅଛି ନିଶ୍ଚୟ। ସ୍ୱାମୀ ଏଥିପାଇଁ କମେଣ୍ଟ ତ କରନ୍ତି କିନ୍ତୁ ଖୁସି ବି ହୁଅନ୍ତି। କାରଣ ମୁଁ ଘରେ ରହେ ଛୁଆମାନଙ୍କ ଯତ୍ନ ନିଏ। ଆଜି ବୋଧେ ସେଇଥିପାଇଁ ମୋ ପୁଅମାନେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିଲେନି। ପ୍ରତିଭା ଥିଲା ନିଶ୍ଚୟ। ଏବେ ସେମାନେ ବିଦେଶରେ ରହନ୍ତି ଭଲ କାମ କରୁଛନ୍ତି। ମୋତେ ସବୁବେଳେ ଡାକୁଛନ୍ତି ତାଙ୍କ ପାଖକୁ। ମୁଁ କିନ୍ତୁ ସ୍ୱାମୀ ଆରପାରିକୁ ଗଲା ପରଠାରୁ ଏଇ ଘର ଛଡ଼ା କୁଆଡେ ଯିବାକୁ ଇଚ୍ଛା ହୁଏନି। ସବୁବେଳେ ବିଭିନ୍ନ ବାହାନା କରି ଏଡ଼େଇ ଦିଏ। ସେମାନେ ବି ଜାଣିଗଲେଣି ଯେ, ପ୍ରତିଦିନ ଭିଡ଼ିଓ କଲରେ କଥା ହୁଅନ୍ତି। ସେମାନଙ୍କ ଖୁସିରେ ମୁଁ ବି ଖୁସି। ତେବେ ଗୋଟେ ବଡ଼ ଦୁଃଖ ରହିଗଲା। ଯେତେବେଳେ ସ୍ୱାମୀ ଚାଲିଗଲେ ଅନେକ ନେହୁରା ହୋଇ ମୋ ବାକି ଥିବା ପଇସା ଅନେକ ପ୍ରଡ୍ୟୁସରଙ୍କୁ ମାଗିଲି। କିନ୍ତୁ କେବଳ ଶାନ୍ତ୍ୱନା  ମିଳିଲା, ପଇସା ମିଳିଲା ନାହିଁ। ଏ ସବୁ ଭାବିଭାବି ଆଖିରୁ ଦୁଇ ଧାର ଲୁହ ବୋହି ଆସୁଥିଲା। ନିଜ ପିନ୍ଧା କାନିରେ ଲୁହ ପୋଛିଲା ବେଳକୁ ରୋଷେଇଘରୁ ପ୍ରେସର କୁକର ସିଟି ଶୁଭିଲା। ଭାବନା ରାଜ୍ୟରୁ ସେ ଫେରିଆସିଲେ ଆଉ ସିଧା ଚାଲିଗଲେ ରୋଷେଇ ଘର ଭିତରକୁ।

## ॥ ତିନି ॥

ଅନ୍ୟ ଏକ ଦିନ ସୂର୍ଯ୍ୟର କୋମଳ କିରଣ ଘର ଭିତରକୁ ପଶୁଥିଲା। ଘରର ଗୋଟିଏ କୋଣରେ ଥିବା କାଠର ଆଲମାରି ଉପରେ ସଜାହୋଇ ଥିଲା ଅସଂଖ୍ୟ ପୁରସ୍କାର। ଧୂଳି ଜମିଥିଲା, କିନ୍ତୁ ସେଗୁଡ଼ିକର ଗୌରବ ଏପର୍ଯ୍ୟନ୍ତ ଫିକା ପଡ଼ିନଥିଲା। ସେ ଧୀରେ ଧୀରେ ଉଠି ଗୋଟିଏ ଟ୍ରଫି ହାତରେ ନେଲେ। ତା' ଉପରେ ଲେଖାଥିଲା- "ଶ୍ରେଷ୍ଠ ଅଭିନେତ୍ରୀ"। ତାଙ୍କ ଆଖିରେ ଅଜଣା ଏକ ଚମକ ଖେଳିଗଲା। ମନ ଫେରିଗଲା ପଚିଶ ବର୍ଷ ପଛକୁ। ସେହି ସମୟରେ ସେ ଥିଲେ ଲକ୍ଷଲକ୍ଷ ହୃଦୟର ରାଣୀ। ଘର ବାହାରେ ଘଣ୍ଟାଘଣ୍ଟା ଧରି ଲୋକମାନେ ଅପେକ୍ଷା କରୁଥିଲେ କେବଳ ତାଙ୍କୁ ଗୋଟିଏ ଥର ଦେଖିବା ପାଇଁ। ପ୍ରଯୋଜକମାନେ ତାଙ୍କ ତାରିଖ ପାଇଁ ମାସ ମାସ ଅପେକ୍ଷା କରୁଥିଲେ। ପତ୍ରିକାର ମୁଖପୃଷ୍ଠାରେ ତାଙ୍କ ଫଟୋ, ରେଡିଓ, ଟେଲିଭିଜନ ଖବରକାଗଜରେ ତାଙ୍କର ସାକ୍ଷାତକାର ରହୁଥିଲା। ଚାରିଆଡ଼େ କେବଳ ତାଙ୍କ ନାଁ। ସେତେବେଳେ ସେ ଜାଣିଥିଲେ ଯେ, ଏହି ସଫଳତା ବୋଧହୁଏ ସବୁଦିନ ରହିବ। କିନ୍ତୁ ସମୟ ନିଜ ନିୟମରେ ଚାଲେ। ଆଜି ନୂଆ ନୂଆ ମୁହଁ ପରଦାକୁ ଆସିଛନ୍ତି। ନୂଆ କାହାଣୀ, ନୂଆ ନାୟିକା, ନୂଆ ତାରକା। ସେ ଧୀରେ ଧୀରେ ବାଦ ପଡ଼ିଗଲେ। କେହି ତାଙ୍କୁ ଭୁଲିଗଲେ ନାହିଁ, ବରଂ ସମୟ ନିଜେ ତାଙ୍କୁ ନୀରବରେ ପଛକୁ ଠେଲିଦେଲା। ଏବେ ସାରାଦିନ ଫୋନ୍‌ଟି ଟେବୁଲ୍ ଉପରେ ପଡ଼ିରହେ। କେବେ କେବେ ବାଜେ। କିନ୍ତୁ ସେହି ଫୋନ୍‌ଗୁଡ଼ିକ ଆଉ ସିନେମା ପାଇଁ ନୁହେଁ। ବ୍ୟାଙ୍କର ଅଫର, ବୀମା କମ୍ପାନୀର ପ୍ରଚାର କିମ୍ବା ରଙ୍ଗ୍ ନମ୍ବର। ସନ୍ଧ୍ୟାବେଳେ ସେ ପୁରୁଣା ଆଲବମ୍ ଖୋଲନ୍ତି। ଗୋଟିଏ ଫଟୋରେ ତାଙ୍କ ହାତର ଫୁଲ ତୋଡ଼ା, ଆଉ ଗୋଟିଏରେ ହସୁଥିବା ମୁହଁ। ପ୍ରତ୍ୟେକ ଫଟୋ ଯେପରି ଜୀବନ୍ତ ହୋଇ କହିଉଠେ- "ତୁମେ ମନେ ଅଛ କି?" ସେ ହସନ୍ତି। ନିଜେ ନିଜ ସହ ଗପନ୍ତି। ସେଇ ସ୍ମୃତିକୁ ମନେପକାନ୍ତି।

ସେତେବେଳେ ଭାବନ୍ତି ଯାହାହେଉ ସେତବେଳେ ଫେସବୁକ କି ଇନଷ୍ଟାଗ୍ରାମ ନଥିଲା। ନହଲେ ପ୍ରଡ୍ୟୁସର କହିଥା'ନ୍ତେ ତମର ଫଲୋଅର୍ସ କେତେ? ରିଲର ଭିୟୁ କେତେ? ଓଃ, ଏସବୁ ନାହିଁ ତ, କାମ ନାହିଁ ତମପାଇଁ। ଆଚ୍ଛା  କହିଲ ଫିଲ୍ମ କରିବାକୁ ଅଭିନୟ ଜାଣିବା ଦରକାର ନା ଦେହ ଦେଖେଇ ରିଲ ବନେଇବା ଦରକାର? ହେଲେ ଉତ୍ତର ଦେବ କିଏ? ଯାହା ଚାଲିଛି ଚାଲୁ- କହି ସେ ପୁଣି ଚୁପ୍ ହୋଇଯା'ନ୍ତି। ନିଜ ନିଜ ଭିତରେ ନିଜେ ରହିଯା'ନ୍ତି ଘର କାମରେ ବ୍ୟସ୍ତ ହୋଇ।

## ॥ ଚାରି ॥

ଘରର ସବୁଆଡେ ନିରବତା ଖେଳୁଥିଲା। ଟଙ୍ଗା ହୋଇଥିବା ପୁରୁଣା ସିନେମା ପୋଷ୍ଟର, କିଛି ଟ୍ରଫି ଏବଂ ଧୂଳି ଜମିଥିବା ଫଟୋ ଫ୍ରେମ୍ ସବୁ ଯେମିତି ଅତୀତର କାହାଣୀ କୁହନ୍ତି ।

ଆଜି ଆଇନା ଆଗରେ ବସିଥିଲେ ରତ୍ନପର୍ଣ୍ଣା। ମୁଣ୍ଡର ଅଧାରୁ ଅଧିକ ଚୁଟି ଧଳା ହୋଇଯାଇଛି। ଗାଲର ସେହି ପୁରୁଣା ଚମକ ଆଉ ନାହିଁ। ଆଖି କୋଣରେ ବୟସର ରେଖା ସ୍ପଷ୍ଟ। ଘରେ କେହି ନାହାନ୍ତି। କେବଳ ସେ... ଏବଂ ତାଙ୍କ ସାମ୍ନାରେ ଥିବା ଆଇନା। ସେ ଆଇନାକୁ ଚାହିଁ ହାଲୁକା ହସିଲେ। "ତୁ ମୋତେ ଏତେ ବର୍ଷ ଧରି ଦେଖୁଛୁ... କହ, ସତରେ ମୁଁ ବଦଳିଗଲି କି?"

ଆଇନା କିଛି କହିଲା ନାହିଁ। କିନ୍ତୁ ତାଙ୍କ ମନ ଭିତରୁ ଉତ୍ତର ଆସିଲା- "ରୂପ ବଦଳିଛି, କିନ୍ତୁ ସ୍ମୃତି ନୁହେଁ।"

ହଠାତ୍ ତାଙ୍କ ଆଖି ଆଗରେ ଭାସିଉଠିଲା ଚାଳିଶ ବର୍ଷ ତଳର ଦିନ।

ପ୍ରଥମ ଅଡିସନ୍। ଭୟରେ କମ୍ପୁଥିବା ହାତ। ନିର୍ଦ୍ଦେଶକଙ୍କ ହସ । ପ୍ରଥମ ଫିଲ୍ମ, ପ୍ରଥମ ତାଳି ଏବଂ ପ୍ରଥମ ଅଟୋଗ୍ରାଫ୍।

ସେ ସମୟରେ ଦର୍ଶକ ଅପେକ୍ଷା କରୁଥିଲେ, କେବଳ ତାଙ୍କର ଗୋଟିଏ ହସ ଦେଖିବା ପାଇଁ। ସିନେମା ହଲରେ ତାଙ୍କ ନାମ ଆସିଲେ ତାଳିରେ ହଲ କମ୍ପି ଯାଉଥିଲା। କିନ୍ତୁ ପ୍ରସିଦ୍ଧିର ଆଲୋକ ଯେତେ ଉଜ୍ଜ୍ୱଳ, ତାହାର ଛାଇ ସେତେ ଗଭୀର।

କ୍ୟାରିୟର ପାଇଁ ସେ ଅନେକ ସମ୍ପର୍କ ହରାଇଥିଲେ। ବାପାଙ୍କ ଶେଷ ସମୟରେ ପାଖରେ ରହିପାରି ନଥିଲେ। ମା'ଙ୍କ ଲୁହକୁ ସଫଳତାର ଦୌଡ଼ରେ ଅନେକଥର ଅଣଦେଖା କରିଥିଲେ। ଯିଏ ତାଙ୍କୁ ନିଃସ୍ୱାର୍ଥ ଭାବେ ଭଲପାଉଥିଲା, ସେ ଅପେକ୍ଷା କରି କରି ଦିନେ ଚାଲିଗଲା। ଆଜି ଘର ଭର୍ତ୍ତି ଟ୍ରଫି ଅଛି, କିନ୍ତୁ ଡାକିବାକୁ କେହି ନାହିଁ। ସେ ଡ୍ରେସିଂ ଟେବୁଲର ଡ୍ରୟାର ଖୋଲିଲେ। ଭିତରେ ଥିଲା ଗୋଟିଏ ପୁରୁଣା କଳା-ଧଳା ଫଟୋ। ସେ ଏବଂ ତାଙ୍କ ମା'। ଫଟୋଟିକୁ ଛାତିରେ ଚାପି ଧରି ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଝରିପଡ଼ିଲା। ସେ ଧୀରେ କହିଲେ-

"ମଣିଷ ତାଳି ପାଇଁ ବଞ୍ଚେ... କିନ୍ତୁ ଶେଷ ବୟସରେ ଦରକାର ପଡେ କେବଳ ଦୁଇପଦ ସ୍ନେହର କଥା।" ସନ୍ଧ୍ୟା ହୋଇ ଆସିଥିଲା।

ଆଜି ନା ମେକଅପ୍ ଅଛି, ନା କ୍ୟାମେରା, ନା ଲାଇଟ୍, ନା ତାଳି। କେବଳ ନିରବତା। ଆଇନାରେ ନିଜ ମୁହଁକୁ ଚାହିଁ ସେ ଧୀରେ ହସିଦେଲେ।

"ଏଇ ମୁହଁଟାକୁ ଦେଖିବା ପାଇଁ କେତେ ଲୋକ ପାଗଳ ଥିଲେ..."

ସେ ହାତ ବଢ଼ାଇ ଆଇନାକୁ ଛୁଇଁଲେ। ହଠାତ୍ ମନେହେଲା, ଆଇନା ଭିତରେ ଥିବା ଛବିଟା ବଦଳିଗଲା। ଷାଠିଏ ବର୍ଷର ରତ୍ନପର୍ଣ୍ଣା ନୁହେଁ। କୋଡ଼ିଏ ବର୍ଷର ଯୁବତୀ ରତ୍ନପର୍ଣ୍ଣା ଠିଆ ହୋଇଛନ୍ତି। ମୁହଁରେ ସେହି ଚମକ, ଆଖିରେ ସ୍ୱପ୍ନ, ଓଠରେ ଆତ୍ମବିଶ୍ୱାସ।

ତାଙ୍କ କାନରେ ପୁଣି ଶୁଣାଗଲା -

"ଲାଇଟ୍... କ୍ୟାମେରା... ଆକ୍ସନ୍!"

ଫିଲ୍ମ ସେଟ୍‌ରେ ସମସ୍ତେ ଦୌଡୁଛନ୍ତି। ନିର୍ଦ୍ଦେଶକ ତାଙ୍କୁ ପ୍ରଶଂସା କରୁଛନ୍ତି। ସେଦିନ ତାଙ୍କ ପାଖରେ ସବୁକିଛି ଥିଲା। କିନ୍ତୁ ସମୟ ବହୁତ ଶୀଘ୍ର ବଦଳିଗଲା। ନୂଆ ମୁହଁ ଆସିଲେ। ନୂଆ କାହାଣୀ ଆସିଲା। ପୋଷ୍ଟରରୁ ତାଙ୍କ ମୁହଁ ଅଦୃଶ୍ୟ ହୋଇଗଲା। ଫୋନ୍ ବାଜିବା ବନ୍ଦ ହୋଇଗଲା। ଜନ୍ମଦିନରେ ଫୁଲ ଆସିବା ବନ୍ଦ ହୋଇଗଲା। ଯେଉଁମାନେ କହୁଥିଲେ, "ଆପଣଙ୍କ ବିନା ଇଣ୍ଡଷ୍ଟ୍ରି ଅଧୁରା", ସେମାନେ ମଧ୍ୟ ଧୀରେ ଧୀରେ ଭୁଲିଗଲେ। ରତ୍ନପର୍ଣ୍ଣା ଗଭୀର ନିଃଶ୍ୱାସ ନେଲେ।

"ବୋଧହୁଏ ଅଭିନେତାର ସବୁଠୁ ବଡ଼ ଦୁଃଖ ହେଉଛି - ଦିନେ ଦର୍ଶକ ତାଳି ଦିଅନ୍ତି... ଆଉ ଦିନେ ଚୁପ୍‌ଚାପ୍ ଭୁଲିଯାନ୍ତି।"

ଆଖିରୁ ଲୁହ ଖସିପଡ଼ିଲା। ସେ ପୁଣି ଆଇନାକୁ ଚାହିଁଲେ। ଏଥର ଆଇନାରେ ସେ କେବଳ ଗୋଟିଏ ବୃଦ୍ଧା ମହିଳା ନୁହେଁ, ଜୀବନର ଅନେକ ଚରିତ୍ରରେ ଅଭିନୟ କରିଥିବା ଜଣେ ଶିଳ୍ପୀ ଦେଖାଯାଉଥିଲେ। ସେ ଧୀରେ କହିଲେ-

"ଜୀବନଟା ବି ଗୋଟେ ସିନେମା। ପାର୍ଥକ୍ୟ ଏତିକି, ଏଠି 'ରିଟେକ୍' ମିଳେ ନାହିଁ।"

ଘରଟା ପୁଣି ନିରବ ହୋଇଗଲା। କିନ୍ତୁ ସେହି ନିରବତା ଭିତରେ ଆଜିବି ଶୁଭୁଥିଲା ତାଳିର ଶବ୍ଦ। ଯାହା ଦିନେ ତାଙ୍କ ଜୀବନର ପରିଚୟ ଥିଲା। ଏତିକି ବେଳେ ଘରର କଲିଂ ବେଲ୍ ବାଜିଉଠିଲା। ରତ୍ନପର୍ଣ୍ଣା ଆଶ୍ଚର୍ଯ୍ୟରେ ଦୁଆର ଖୋଲିଲେ।

ଦୁଆର ସାମ୍ନାରେ ଠିଆ ହୋଇଥିଲା ପ୍ରାୟ ଦଶ ବର୍ଷର ଗୋଟିଏ ଝିଅ। ହାତରେ ଥିଲା ଗୋଟିଏ ରତ୍ନପୂର୍ଣାଙ୍କ ଅଭିନୀତ ଚଳଚିତ୍ରର ପୁରୁଣା ଫଟୋ ଏବଂ ଗୋଟିଏ ଚିଠି ।

ଝିଅଟି କହିଲା- "ଆପଣ ରତ୍ନପର୍ଣ୍ଣା ମ୍ୟାଡାମ୍ ନା? ମୋ ଜେଜେମା ଆପଣଙ୍କ ବହୁତ ବଡ଼ ପ୍ରଶଂସିକା ଥିଲେ। ସେ ଏବେ ନାହାନ୍ତି। ମରିବା ପୂର୍ବରୁ କହିଥିଲେ- କେବେ ସୁଯୋଗ ମିଳିଲେ ଏହି ଚିଠିଟି ଦେବୁ।

ରତ୍ନପର୍ଣ୍ଣାଙ୍କ ହାତ କମ୍ପି ଉଠିଲା।

ସେ ଚିଠିଟି ନେଇ ଝିଅଟିକୁ କୋଳକୁ ଆଉଜେଇ ନେଲେ।

ଆଇନା ଆଗରେ ବସିଥିବା ସେହି ବୃଦ୍ଧା ଅଭିନେତ୍ରୀ ହଠାତ୍ ପୁଣି ଯୁବତୀ ପରି ହସିଉଠିଲେ।

ସେ ବୁଝିଗଲେ- ସୌନ୍ଦର୍ଯ୍ୟ ଦିନେ ମଳିନ ହୁଏ,

ଲୋକପ୍ରିୟତା କମିଯାଏ, କିନ୍ତୁ ଭଲପାଇବାର ସ୍ମୃତି କେବେ ବୁଢ଼ା ହୁଏ ନାହିଁ।

ସେଦିନ ପ୍ରଥମଥର ପାଇଁ ଆଇନାରେ ସେ ନିଜର ବୟସକୁ ନୁହେଁ, ନିଜ ଜୀବନର ସତ୍ୟକୁ ଦେଖିଲେ।

ପୁଣି ଥରେ ଦୁଆରର ବେଲ୍ ବାଜିଲା। ବର୍ତ୍ତମାନ ଜଣେ ଯୁବ ୟୁଟ୍ୟୁବର ସାମ୍ବାଦିକ ଠିଆହୋଇଥିଲେ।

"ମ୍ୟାଡାମ୍, ମୁଁ ଆପଣଙ୍କ ଉପରେ ଗୋଟିଏ ବିଶେଷ ବ୍ଲଗ କରିବାକୁ ଚାହୁଁଛି।"

ରତ୍ନପର୍ଣ୍ଣା ହସି କହିଲେ - "ମୋ ଉପରେ? ଏବେ ଆଉ କିଏ ଆଗ୍ରହ ଦେଖାଉଛି ମୋ କଥା ଜାଣିବାକୁ?" କାହିଁକି କରିବ? ତମର ଭିୟୁ ଯିବନି ହୋ....

ସାମ୍ବାଦିକ କହିଲେ-

"ଲୋକମାନେ ଆପଣଙ୍କୁ କିମ୍ବା ଆପଣଂକ ଫିଲ୍ମକୁ ଭୁଲିନାହାନ୍ତି, ମ୍ୟାଡାମ୍।" ରତ୍ନପର୍ଣ୍ଣା ଟିକେ ଚୁପ୍ ରୁହନ୍ତି, ପଚାରନ୍ତି କ'ଣ ସତରେ? କହି ଠୋ ଠୋ ହସିଉଠନ୍ତି....

ସାମ୍ବାଦିକ ନିଜ ମୋବାଇଲ ସେଲ୍ଫି ମୋଡ଼ରେ ଆରମ୍ଭ କରନ୍ତି-

ହାଲୋ! ହାଏ !! ନମସ୍କାର !!!

ଆଉ ସେଇ ଝିଅଟି ମଧ୍ୟ ତା' ମୋବାଇଲ କ୍ୟାମେରା ଅନ କରି ରେକର୍ଡିଂ ଆରମ୍ଭ କରିଦିଏ...

**ଏନ-୦୪ / ୩୧୮ , ନୂଆପଲ୍ଲୀ, ଭୁବନେଶ୍ୱର**
**ଫୋନ ନଂ-୯୯୩୮୧୦୮୭୫୭/୭୦୭୭୭୦୫୩୩୪**



## ଜହ୍ନ ସାଥେ !



**ମିହିର କୁମାର ରଥଶର୍ମା**
ବୃହତ ପ୍ରକଳ୍ପ ନିର୍ଦ୍ଦେଶକ (ଚଳଚ୍ଚିତ୍ର)

ଜହ୍ନ ସାଥେ ନିତି ଦେଖୁଥାଏ ତାରାକୁ, ତାରାକୁ
ଭଲପାଏ ଏତେ ସତେ ତୁମକୁ ତୁମକୁ...
ସତରେ ନାଆଁ, ମିଛରେ ନାଆଁ
ଜନମରେ ନିଆଁ ମରଣରେ ନିଆଁ
ଏଇ ଦୁଇ ନିଆଁର ନାମ ଦୁନିଆ।

କାହାପାଇଁ କଣ୍ଟାର ଛିଟା
ଫୁଲର ପାଖୁଡ଼ା ଝରିପଡେ
ଜୀବନଟା କିଛି ନୁହଁ ସବୁ ସେଇ ପ୍ରଭୁ ନାମକୁ
ସମୟ ଗଡ଼ିଚାଲେ ନରହି ସବୁ ସୋପାନକୁ
ହାଏରେ ! ସେଇଦିନ ଅଭୁଲା ସ୍ମୃତି ପଟଳକୁ

କେମିତି କେଜାଣି ପାଶୋରୀ ଦେଲ
ଭୁଲ କରିଦେଇ ସବୁ ଅବୁଝା ମନରେ
ଟିକିଏ ଝଲକ ପାଇବାକୁ।

ଖୋଜିବାର ନିଶା ପାଇବାର ଆଶା
ଯଦିଓ ତୁମେ ନୁହଁ ମରିଚିକା
ଜୀବନ ସଙ୍ଗୀତ ଗାନର ଅଭୁଲ ଟିକା ଟିକା
ସତରେ ଜହ୍ନ ସାଥେ ନିତି ଦେଖୁଥାଏ ତାରାକୁ ତାରାକୁ
ଭଲପାଏ କେତେ ସତେ ତୁମକୁ ତୁମକୁ
ସବୁଦିନ ସବୁ ରାତି
ସାଥି ହୋଇ ଜୀଇଁବା କାଳ କାଳକୁ।

## କୋଭିଡ୍ ମହାମାରୀର ସଂଘର୍ଷରୁ ଜନ୍ମିତ ଆମ ଓକେଏସ୍



**ବିଶାଲ ସାହୁ**
କଳାକାର

ଯେତେବେଳେ ରଙ୍ଗମଞ୍ଚ ନିଃଶବ୍ଦ ଥିଲା, ସେତେବେଳେ ଜନ୍ମ ନେଇଥିଲା କଳାକାରଙ୍କ ସ୍ୱର... ଓଡ଼ିଆ କଳାକାରଙ୍କ ସ୍ୱର (ଓକେଏସ୍) କେବଳ ଏକ ସଂଗଠନ ନୁହେଁ, ଏହା ଏକ ଆନ୍ଦୋଳନ। କୋଭିଡ୍ର ସେହି ଦୁର୍ଦ୍ଦିନ ସମୟରେ, ଯେତେବେଳେ ଓଡ଼ିଶାର ହଜାର ହଜାର କଳାକାର ଭାଇଭଉଣୀ ରୋଜଗାର ହରାଇ ସଂଘର୍ଷ କରୁଥିଲେ, ସେତେବେଳେ ସେମାନଙ୍କୁ ସହାୟତାର ହାତ ବଢ଼ାଇବା ଏବଂ ସରକାରଙ୍କ ନିକଟରେ କଳାକାରଙ୍କ ହକ୍ ପାଇଁ ସ୍ୱର ଉତ୍ତୋଳନ କରିବା ଲକ୍ଷ୍ୟ ନେଇ ଆମର ଏହି ଯାତ୍ରା ଆରମ୍ଭ ହୋଇଥିଲା।

ଆଜି ଆମେ ଗର୍ବର ସହ ୬ ବର୍ଷ ସମ୍ପୂର୍ଣ୍ଣ କରିଛୁ। ଜଣେ ଅଭିନେତା ତଥା ଏହି ପରିବାରର ସୋସିଆଲ ମିଡ଼ିଆ କୋ-ଅର୍ଡିନେଟର ଭାବେ ମୁଁ ସେହି ଦୁଃସମୟର ସେବା ଓ ଲଢ଼େଇକୁ ପ୍ରଣାମ ଜଣାଉଛି। ଓଡ଼ିଶାର ପ୍ରତିଟି କୋଣରୁ ସବୁ ବର୍ଗର କଳାକାରଙ୍କ ପାଇଁ ଆମର ଏହି ସେବା ଓ ସ୍ୱର ସଦାସର୍ବଦା ଜାରି ରହିବ।

# କଳା ଓ କଳାକାର



ସୌଭାଗିନୀ ମହାନ୍ତି (ସିନା)

ଏ ଦୁନିଆ ଏକ ରଙ୍ଗମଞ୍ଚ । ଆମେ ସମସ୍ତେ କଳାକାର । ଅଭିନୟ କରିବାର କଳା କାହା ପାଇଁ ବୃତ୍ତି ତ ଆଉ କାହା ପାଇଁ ପ୍ରବୃତ୍ତି । ଜଣେ ଅଭିନୟ କଲେ ତାକୁ ଯେତିକି ଖୁସି ଦିଏ, ବେଶୀ ଖୁସି ଦିଏ, ଯେତେବେଳେ ସମାଜକୁ ସେ ପ୍ରଭାବିତ କରେ । ଅନେକ ସମୟରେ ଆମେ ଅଭିନୟକୁ ଖାଲି ମନୋରଞ୍ଜନର ମାଧ୍ୟମ ବୋଲି ବିବେଚନା କରୁ, ମାତ୍ର ଜଣେ କଳାକାର ତା'ର ଅଭିନୟ ମାଧ୍ୟମରେ ସମାଜକୁ ଅଧିକ ପ୍ରଭାବିତ କରିଥାଏ । ବ୍ୟକ୍ତିଗତ ଜୀବନ ଓ ଅଭିନୟର ଜୀବନ ଭିତରେ ଆକାଶ ପାତାଳ ଫରକ । ଖଳନାୟକର ଭୂମିକାରେ ଅଭିନୟ କରୁଥିବା କଳାକାରଟିଏ ନାଟକ ବା ସିନେମାରେ ଦର୍ଶକଙ୍କ ଘୃଣା ଓ ଆକ୍ରୋଶର ଶିକାର ହୋଇପାରେ, ମାତ୍ର ବାସ୍ତବ ଜୀବନରେ ସେ ଜଣେ ଭଲ ମଣିଷ ହୋଇଥାଏ ।

ହିରୋ ବା ହିରୋଇନ ଅଭିନୟରେ ଦର୍ଶକଙ୍କ ତାଳି ସାଉଁଟିପାରେ, ମାତ୍ର ବାସ୍ତବ ଜୀବନରେ ଯଦି ସେ ଭିନ୍ନ ହୁଏ, ତେବେ ଲୋକଙ୍କ ଘୃଣାର ପାତ୍ର ହୁଏ । ସୁତରାଂ କଳାକାର ଏମିତି ଏକ ବୃତ୍ତି ବା ପ୍ରବୃତ୍ତି, ଯାହା ପାଖରେ ସମାଜକୁ ପ୍ରଭାବିତ କରିବା ଭଳି ପ୍ରତିଭା ଥାଏ । ଏମିତି ବି ହୁଏ, ଜଣେ କଳାକାରକୁ ଦେଖି ସାଧାରଣ ମଣିଷଟିଏ ତା'ର ଜୀବନଚର୍ଯ୍ୟା ବଦଳେଇ ଦିଏ । ସେ କଳାକାର ପରି ବଞ୍ଚିବାକୁ ଚେଷ୍ଟା କରେ ।

କଳାକାରର ଜୀବନ ବଡ଼ ଅଦ୍ଭୁତ । ବଡ଼ ବିଚିତ୍ର । ମୁହଁରେ ରଙ୍ଗ ବୋଳି ସେଲିବ୍ରିଟି ହେବାର ସ୍ୱପ୍ନରେ ସେ ବିଭୋର ହେଲାବେଳେ ଅନେକ ସମୟରେ ସାମାଜିକ ତାଡ଼ନାର ଶିକାର ହୁଏ । ପ୍ରତିଟି ସୋପାନରେ ତାକୁ ଏମିତି ପରିସ୍ଥିତିର ସାମନା କରିବାକୁ ପଡେ, ଯାହା ସେ କାହାକୁ ନା କହିପାରେ, ନା ମୁକାବିଲା କରିପାରେ । ବେଳେ ବେଳେ ନିଜକୁ ଖୁବ୍ ଅସହାୟ ମନେକରେ । କଳାକାର ସମସ୍ତଙ୍କୁ ଖୁସି କରିବାକୁ ଚାହେଁ । ମୁହଁରେ ରଙ୍ଗ ବୋଳି ସମାଜକୁ ଆମୋଦିତ କରେ । କେତେବେଳେ ସେ ଖୁସି ସାଉଁଟେ, ଆଉ କେତେବେଳେ ଜୀବନ ଯନ୍ତ୍ରଣାରେ ଛଟପଟ ହୁଏ । ତଥାପି କଳାକାର ତା ବୃତ୍ତିରୁ ନିବୃତ୍ତ ହୁଏନି । କିଏ ତାକୁ ସହଯୋଗ କରୁ ଅବା ନକରୁ, ସବୁକୁ ପଛ କରି କଳାର ପୂଜାରୀ ଶେଷ ପର୍ଯ୍ୟନ୍ତ ତା' ସାଧନା ପଥରେ ଏକା ଚାଲିଥାଏ ।



# ଦର୍ଶକ ଓ କଳାକାର



ଚୌଧୁରୀ ଶାଶ୍ୱତ ମହାପାତ୍ର

ମନର ଆବେଗକୁ ମୁହୂର୍ତ୍ତଟିଏ ପାଇଁ କାହା ପାଖରେ ପରିପ୍ରକାଶ କରିବାଟା ହିଁ କଳା। ଏହାକୁ ଶୁଣୁଥିବା, ଦେଖୁଥିବା ବ୍ୟକ୍ତିଟି ହିଁ ଦର୍ଶକ। ଦର୍ଶକଟିଏ ମଧ୍ୟ ଜଣେ କଳାକାର ହୋଇଥାଏ। ଉଦାହରଣ- କଳାକାରଟିଏ ତା’ର କଳା ଚାତୁରୀ ଦ୍ୱାରା ଯଦି ଦର୍ଶକଙ୍କ ମନୋରଞ୍ଜନ କରିପାରିଲା ଆଉ ଦର୍ଶକଟି କଳାକାର ଦ୍ୱାରା ଯଦି ମନୋରଞ୍ଜନର ଖୋରାକ ପାଇପାରିଲା ତେବେ ଦର୍ଶକଙ୍କୁ ମଧ୍ୟ କଳାକାର କୁହାଯିବ। ଏଥିରୁ ଅନୁମାନ କରାଯାଇ ପାରେ କି ଠିକ ଭୁଲ ବିଚାର କରିବାର କ୍ଷମତା ଦର୍ଶକଙ୍କ ପାଖରେ ଥାଏ। ଦର୍ଶକଟି ନାଟକକୁ ଉପଭୋଗ କରିସାରିବା ପରେ ତା’ର ଅନ୍ତରକୁ ଛୁଇଁଥିବା ସେହି ସଂଳାପକୁ ଗୁଣୁଗୁଣାଉ ଥାଏ। କାଳାକାର ପାଇଁ ଦର୍ଶକ ନିହାତି ଆବଶ୍ୟକ। ଦର୍ଶକ ନ ଥିଲେ କଳାର ମୂଲ୍ୟକୁ କେହି ବୁଝିପାରିବେ ନାହିଁ। କଳାକାରଟି ସବୁବେଳେ ଦର୍ଶକଙ୍କୁ ସମ୍ମାନ ଦେବା ଉଚିତ। ଦର୍ଶକ ଥିଲେ ହିଁ କଳାକାରଙ୍କୁ ପରିଚୟ ମିଳିଥାଏ। ଆଉ କଳାକାର! କଳାକାର ସବୁବେଳେ ନମନୀୟ ହେବା ଦରକାର।

ଜଣାଯାଏ ଅଭିନେତା ତା’ ମନରେ ଥିବା ଅନେକ କୋହକୁ ଚାପି ରଖି ଦର୍ଶକଙ୍କୁ ଖୁସି ଦେଇଥାଏ। ଦର୍ଶକମାନେ ଯେତେବେଳେ ଖୁସି ହେଇ ତାଳି ମାରନ୍ତି, ସେତେବେଳେ ଅଭିନେତାଟି ସବୁ ଦୁଃଖ ଭୁଲିଯାଏ। ଦର୍ଶକଙ୍କୁ ଖୁସି ବାଣ୍ଟୁଥିବା, ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଉ ଥିବା କଳାକାରଟି ସବୁବେଳେ ନିଷ୍ପେସିତ, ଅବହେଳିତ, ଲାଞ୍ଛିତ, ଶୋଷିତ। କାହିଁକି ଏ ସମାଜ ତାକୁ ହୀନ ଚକ୍ଷୁରେ ଦେଖେ। ଏହା ଆଜିବି ପ୍ରଶ୍ନବାଚୀ?? କଳା ତ ଦେବତାଙ୍କ ପାଖରୁ ଆସିଛି ଯାହା ଉପରେ ଦେବତାଙ୍କ ଆଶୀର୍ବାଦ ରହିଛି। ସେଥିପାଇଁ ସେ ଜଣେ କଳାକାର ହୋଇପାରିଛି। ଆପଣ କେବେ ଭାବିଛନ୍ତି ଦେବତା ଆଉ ଦେବୀମାନେ ଜଣେ ଜଣେ କଳାକାର, ନାରାୟଣ ହେଲେ “ମୃଦଙ୍ଗ’ ବାଦକ, ଶିବ “ଡମ୍ବରୁ’ ବାଦକ, ସରସ୍ୱତୀ “ବୀଣା’ ବାଦକ, ନାରଦ “ବୀଣା’ ବାଦକ। ଥରେ ଭାବିଲେ ଦେବତାଙ୍କ ଆଶୀର୍ବାଦ ନ ଥିଲେ ଜଣେ କ’ଣ କଳାକାର ହୋଇପାରିବ? ଏହି ବିଚାର ଆପଣଙ୍କର...?

ଓଡ଼ିଆ କଳାକାରଙ୍କ ସ୍ୱର (OKS)କୁ ସାଧୁବାଦ। କଳାକୁ ଏବଂ କଳାକାରଙ୍କୁ ବଞ୍ଚାଇବାର ପ୍ରୟାସ ଜାରି ରଖିଛି। ପ୍ରତେକ ବର୍ଷ ବହୁ ଜନହିତକର କାର୍ଯ୍ୟ କରିଆସୁଛି। ଜୁଲାଇ ୨୪ରେ କଳାକାରଙ୍କୁ ସମ୍ମାନ ଦେଇ ପୂଜା କରିଆସୁଛି। ତା’ ସହିତ ପଖାଳ ବଣ୍ଟନ, ଜଳ ବଣ୍ଟନ ଇତ୍ୟାଦି ଏବଂ ଅନାଥ ପିଲାଙ୍କୁ ସାହାଯ୍ୟର ହାତ ବଢ଼ାଇ ଆସୁଛି। ସବୁଠାରୁ ବଡ କଥା ହେଲା ଓଡ଼ିଶାର ସବୁ ବର୍ଗର କଳାକାର ମାନଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଛି ଆଉ ସେହି ଡୋରି ହେଲା (OKS) ଓଡ଼ିଆ କଳାକାରଙ୍କ ସ୍ୱର।

## SAVE YOUR LIFE

**AlokSoma**

Save water save tree,
No tension move free,
Season winter rain summer,
This will come every year.
All seasons essential,
Else situation detrimental.
Summer for water evaporation,
Rain for cultivation,
Seasons always do the need,
To fulfill all our greed.

Never cut any tree,
For oxygen need greenery,
Stop to waste any water
Else there will be disaster.
Make one tree plantation,
For ecology preservation.
Do not say but do,
It is for you too.
Do environment protection,
Save your life from destruction.



# ଅଭିନେତାର ପ୍ରସ୍ତୁତି

**ସୁଶାନ୍ତ କୁମାର ଶତପଥୀ**
କଳାକାର / ନିର୍ଦ୍ଦେଶକ

ଅଭିନୟ କେବଳ ସଂଳାପ କହିବା କିମ୍ବା ମଞ୍ଚରେ ଉପସ୍ଥିତ ରହିବାର କଳା ନୁହେଁ; ଏହା ହେଉଛି ଜଣେ ଚରିତ୍ରର ଭାବନା, ଚିନ୍ତାଧାରା, ଆଚରଣ ଏବଂ ଜୀବନଶୈଳୀକୁ ନିଜ ମାଧ୍ୟମରେ ସଜୀବ କରିବାର ଏକ ସୃଜନଶୀଳ ପ୍ରକ୍ରିୟା। ତେଣୁ ଜଣେ ସଫଳ ଅଭିନେତାଙ୍କ ପାଇଁ ପ୍ରସ୍ତୁତି ହେଉଛି ଅଭିନୟର ମୂଳ ଆଧାର।

ପ୍ରଥମେ, ଅଭିନେତାଙ୍କୁ ନାଟକ କିମ୍ବା ଚଳଚ୍ଚିତ୍ରର ସଂପୂର୍ଣ୍ଣ ପାଠକୁ ଭଲଭାବେ ପଢ଼ିବା ଓ ବୁଝିବା ଆବଶ୍ୟକ। କେବଳ ନିଜର ସଂଳାପ ନୁହେଁ, ସମଗ୍ର କାହାଣୀ, ଘଟଣାକ୍ରମ, ସମୟ, ପରିବେଶ ଏବଂ ଅନ୍ୟାନ୍ୟ ଚରିତ୍ର ସହ ସଂପର୍କ ବିଷୟରେ ସ୍ପଷ୍ଟ ଧାରଣା ରଖିବା ଦରକାର। ଏହା ଦ୍ୱାରା ଚରିତ୍ରକୁ ସଠିକ୍ ଭାବରେ ଉପସ୍ଥାପନ କରିବା ସମ୍ଭବ ହୁଏ।

ଦ୍ୱିତୀୟତଃ, ଚରିତ୍ର ବିଶ୍ଳେଷଣ ଅତ୍ୟନ୍ତ ଜରୁରୀ। ଚରିତ୍ରର ବୟସ, ସାମାଜିକ ସ୍ଥିତି, ଶିକ୍ଷା, ବ୍ୟକ୍ତିତ୍ୱ, ଭାବନା, ଉଦ୍ଦେଶ୍ୟ, ଶକ୍ତି ଓ ଦୁର୍ବଳତାକୁ ଅଭିନେତା ଗଭୀର ଭାବରେ ବୁଝିବା ଉଚିତ। ଚରିତ୍ରର ଅନ୍ତର୍ଜଗତକୁ ଅନୁଭବ କରିପାରିଲେ ଅଭିନୟ ସ୍ୱାଭାବିକ ଓ ପ୍ରଭାବଶାଳୀ ହୁଏ।

ଅଭିନେତାଙ୍କ ପାଇଁ କଣ୍ଠସ୍ୱର ଓ ଶରୀର ହେଉଛି ପ୍ରମୁଖ ଉପକରଣ। ତେଣୁ ପ୍ରତିଦିନ ସ୍ୱର ସାଧନା, ଉଚ୍ଚାରଣର ସ୍ପଷ୍ଟତା, ଶ୍ୱାସ-ପ୍ରଶ୍ୱାସର ନିୟନ୍ତ୍ରଣ ଏବଂ ଶରୀରକୁ ନମନୀୟ ରଖିବା ପାଇଁ ବ୍ୟାୟାମ ଓ ଯୋଗାଭ୍ୟାସ କରିବା ଆବଶ୍ୟକ। ଶରୀରର ପ୍ରତ୍ୟେକ ଭଙ୍ଗୀ, ଚାଲିଚଳନ ଏବଂ ମୁଖାଭିନୟ ଚରିତ୍ରକୁ ସଜୀବ କରିଥାଏ।

ଏହା ସହିତ, ନିରନ୍ତର ମହଡ଼ା (ରିହର୍ସାଲ୍) ଜଣେ ଅଭିନେତାଙ୍କ ଆତ୍ମବିଶ୍ୱାସ ବଢ଼ାଏ। ମହଡ଼ା ସମୟରେ ନିର୍ଦ୍ଦେଶକଙ୍କ ପରାମର୍ଶ, ସହ-ଅଭିନେତାଙ୍କ ସହ ସମନ୍ୱୟ ଏବଂ ନିଜ ଭୁଲକୁ ସଂଶୋଧନ କରିବାର ସୁଯୋଗ ମିଳେ। ଯେତେ ଅଧିକ ମହଡ଼ା ହୁଏ, ସେତେ ଅଭିନୟ ପରିପକ୍ୱ ହୋଇଉଠେ।

ଜଣେ ଭଲ ଅଭିନେତା ସମାଜକୁ ସୂକ୍ଷ୍ମ ଭାବରେ ପର୍ଯ୍ୟବେକ୍ଷଣ କରନ୍ତି। ମଣିଷର କଥାବାର୍ତ୍ତା, ଚାଲିଚଳନ, ହସ, କାନ୍ଦ, କ୍ରୋଧ, ଭୟ ଏବଂ ଆଚରଣକୁ ନିକଟରୁ ଦେଖି ସେଗୁଡ଼ିକୁ ନିଜ ଅଭିନୟରେ ପ୍ରୟୋଗ କରନ୍ତି। ଏହି ପର୍ଯ୍ୟବେକ୍ଷଣ ଅଭିନୟକୁ ବାସ୍ତବ ଓ ବିଶ୍ୱସନୀୟ କରିଥାଏ।

ଶେଷରେ, ଅଭିନେତାଙ୍କ ପାଇଁ ଶୃଙ୍ଖଳା, ଧୈର୍ଯ୍ୟ, ଏକାଗ୍ରତା ଏବଂ ନିରନ୍ତର ଶିକ୍ଷା ଅପରିହାର୍ଯ୍ୟ। ପ୍ରତ୍ୟେକ ଚରିତ୍ର ଏକ ନୂଆ ପ୍ରତିଦ୍ୱନ୍ଦ୍ୱି ରୂପକ ଆହ୍ୱାନ (ଚ୍ୟାଲେଞ୍ଜ) ଏବଂ ପ୍ରତ୍ୟେକ ଅଭିନୟ ଏକ ନୂଆ ଶିକ୍ଷା। ଜଣେ ସତ୍ୟ ଅଭିନେତା କେବେ ଶିଖିବା ବନ୍ଦ କରନ୍ତି ନାହିଁ।

ଅଭିନେତାର ପ୍ରସ୍ତୁତି ହେଉଛି ଜ୍ଞାନ, ଅଭ୍ୟାସ, ପର୍ଯ୍ୟବେକ୍ଷଣ, ଶୃଙ୍ଖଳା ଏବଂ ସୃଜନଶୀଳତାର ଏକ ସମନ୍ୱିତ ପ୍ରକ୍ରିୟା। ଯେତେ ଗଭୀର ପ୍ରସ୍ତୁତି, ସେତେ ଜୀବନ୍ତ ଅଭିନୟ। ତେଣୁ ଜଣେ ସଫଳ ଅଭିନେତାଙ୍କ ପାଇଁ ପ୍ରସ୍ତୁତି କେବଳ ଏକ ପର୍ଯ୍ୟାୟ ନୁହେଁ, ବରଂ ଏକ ନିରନ୍ତର ସାଧନା।

# କଳାକାର: ସମାଜର ଆତ୍ମା ଓ ସଂସ୍କୃତିର ବାହକ



**ତ୍ରିଲୋଚନ ରଥ (ବାପୁ)**
ଆଇନଜୀବୀ

ପ୍ରତିବର୍ଷ ଜୁଲାଇ ୨୪ ତାରିଖକୁ ଆମେ କଳାକାର ଦିବସ ଭାବେ ପାଳନ କରୁ। ଏହି ଦିନ କେବଳ କଳାକାରମାନଙ୍କୁ ସମ୍ମାନ ଜଣାଇବାର ଅବସର ନୁହେଁ, ବରଂ କଳା, ସଂସ୍କୃତି ଓ ସୃଜନଶୀଳତାର ଅପରିହାର୍ଯ୍ୟ ଭୂମିକାକୁ ସ୍ମରଣ କରିବାର ଏକ ସୁନ୍ଦର ମୁହୂର୍ତ୍ତ।

ଜଣେ କଳାକାର କେବଳ ଚିତ୍ର ଅଙ୍କନ କରନ୍ତି ନାହିଁ କିମ୍ବା ଗୀତ, ନୃତ୍ୟ, ନାଟକ ଓ ସଙ୍ଗୀତ ପରିବେଷଣ କରନ୍ତି ନାହିଁ; ସେ ସମାଜର ଭାବନା, ଇତିହାସ, ପରମ୍ପରା ଓ ମାନବିକ ମୂଲ୍ୟବୋଧକୁ ଜୀବନ୍ତ ରଖନ୍ତି। କଳା ହେଉଛି ସେହି ଶକ୍ତି, ଯାହା ଭାଷା, ଜାତି ଓ ସୀମାର ବାଧାକୁ ଅତିକ୍ରମ କରି ମଣିଷକୁ ମଣିଷ ସହିତ ଯୋଡ଼ିଥାଏ।

ଓଡ଼ିଶା କଳା ଓ ସଂସ୍କୃତିର ଏକ ସମୃଦ୍ଧ ଭୂମି। ଓଡ଼ିଶୀ ନୃତ୍ୟ, ପଟ୍ଟଚିତ୍ର, ତାଳପତ୍ର ଚିତ୍ର, ପଥର ଓ କାଠର କାରୁକାର୍ଯ୍ୟ, ଲୋକସଙ୍ଗୀତ ଓ ଲୋକନାଟ୍ୟ ଆମ ଐତିହ୍ୟର ଗୌରବ। ଏହି ଅମୂଲ୍ୟ ପରମ୍ପରାକୁ ପିଢ଼ି ପରେ ପିଢ଼ି ଜୀବନ୍ତ ରଖିବାରେ କଳାକାରମାନଙ୍କର ଅବଦାନ ଅତୁଳନୀୟ।

ବର୍ତ୍ତମାନ ସମୟରେ କଳାକାରମାନେ ବିଭିନ୍ନ ଆର୍ଥିକ, ସାମାଜିକ ଓ ବୃତ୍ତିଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପ୍ରତି ସମ୍ମାନ, ପ୍ରୋତ୍ସାହନ ଓ ଉପଯୁକ୍ତ ସୁଯୋଗ ସୃଷ୍ଟି କରିବା ସମାଜର ପ୍ରତ୍ୟେକ ସଚେତନ ନାଗରିକଙ୍କ ଦାୟିତ୍ୱ। କଳାକୁ ସୁରକ୍ଷିତ ରଖିବା ଅର୍ଥ ହେଉଛି ଆମର ସଂସ୍କୃତି ଓ ପରିଚୟକୁ ସୁରକ୍ଷିତ ରଖିବା।

କୋଣାର୍କ ସୋସିଓ ଆଣ୍ଡ କଲ୍‌ଚରାଲ୍ ଟ୍ରଷ୍ଟ ପକ୍ଷରୁ ଆମେ କଳାକାରମାନଙ୍କ ପ୍ରତି ଗଭୀର ସମ୍ମାନ ଜଣାଉଛୁ। କଳା ଓ ସଂସ୍କୃତିର ବିକାଶ, ଯୁବପିଢ଼ି ମଧ୍ୟରେ ସୃଜନଶୀଳତାର ପ୍ରସାର ଏବଂ ଐତିହ୍ୟର ସଂରକ୍ଷଣ ପାଇଁ ସମସ୍ତଙ୍କ ସମ୍ମିଳିତ ପ୍ରୟାସ ଆବଶ୍ୟକ।

କଳାକାର ଦିବସ ଅବସରରେ ସମସ୍ତ କଳାକାରଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ସେମାନଙ୍କ ସୃଜନଶୀଳ ଯାତ୍ରା ଅବିରତ ରହୁ ଏବଂ ସେମାନଙ୍କ କଳା ସମାଜକୁ ସୌନ୍ଦର୍ଯ୍ୟ, ସଚେତନତା ଓ ମାନବିକତାର ବାର୍ତ୍ତା ଦେଇଚାଲୁ।

**କୋଣାର୍କ ଥିଏଟର**
**ଅଧ୍ୟକ୍ଷ, କୋଣାର୍କ ସୋସିଓ ଆଣ୍ଡ କଲ୍‌ଚରାଲ୍ ଟ୍ରଷ୍ଟ**





# କଳାକାରଙ୍କ ଅମୂଲ୍ୟ ସମ୍ପଦ: ପ୍ରଶଂସା ଓ ସମ୍ମାନ

**ଦିବ୍ୟ ରଞ୍ଜନ ପଟ୍ଟନାୟକ**
କଣ୍ଠଶିଳ୍ପୀ ଓ ସଙ୍ଗୀତ ଗୁରୁ

କଥାରେ ଅଛି ସାତ ପିଢିରେ କିଛି ପୂଣ୍ୟ କର୍ମ କରିଥିଲେ ସେଇ ପରିବାରରେ ଜଗତର ଶ୍ରେଷ୍ଠ ବିଦ୍ୟା, ଗାନ୍ଧର୍ବ ବିଦ୍ୟା ଅର୍ଜନ କରିପାରୁଥିବା ଏକ ସନ୍ତାନ ଜନ୍ମ ନିଏ। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ବୟସ ବଢିବା ସହିତ ତା'ର ଶରୀରରେ କଳାକାର ହେବାର ଲକ୍ଷଣ ସବୁ ଦେଖାଦେଇଥାଏ। ଶେଷରେ ସିଏ ନିଜର ବୁଦ୍ଧି, ଜ୍ଞାନ ଓ ସାଧନା ବଳରେ କଳାକାରଟିଏ ହୋଇ ସମାଜରେ ନିଜକୁ କଳାକାର ଭାବେ ପ୍ରତିଷ୍ଠିତ କରିବାରେ ସହାୟକ ଓ ସକ୍ଷମ ହୁଏ। ଗୋଟିଏ କଳାକାର ତା'ର ଜୀବନରେ ଅନେକ ସଂଘର୍ଷ, ଘାତ, ପ୍ରତିଘାତ ଦେଇ ଗତିକରି ଶେଷରେ ନିଜର ନିଷ୍ଠା, ଧୈର୍ଯ୍ୟ, ପରିଶ୍ରମ ଓ ସାଧନା ବଳରେ ସଫଳତା ପାଇଥାଏ। ନିଜର କଳା ପ୍ରଦର୍ଶନ ନିମିତ୍ତ ମଞ୍ଚରେ ଚଢିଲାବେଳେ ଜୀବନର ସବୁ ଦୁଃଖ ଭୁଲିଯାଇ ଦର୍ଶକମାନଙ୍କୁ କିପରି ନିଜର କଳା, କୌଶଳ ଓ ଅଭିନୟ ଦ୍ୱାରା ମନୋରଞ୍ଜନ କରିପାରିବ ସେଥିପ୍ରତି ଚେଷ୍ଟିତ ଥାଏ। ଯେତେବେଳେ ଦର୍ଶକମାନଙ୍କ ଦ୍ୱାରା ତାଳି ଓ ପ୍ରଶଂସା ମିଳେ ସେତେବେଳେ କଳାକାର ସବୁ ଦୁଃଖ କଷ୍ଟ ଭୁଲିଯାଏ। ଦର୍ଶକମାନଙ୍କ ତାଳି, ପ୍ରଶଂସା ଓ ସମ୍ମାନ ଗୋଟିଏ କଳାକାର ପାଇଁ ଅମୂଲ୍ୟ ସମ୍ପଦ।

ତେଣୁ କଳାକାର ଦିବସରେ ସେଇ କଳାକାରମାନଙ୍କୁ କୋଟିକୋଟି ପ୍ରଣାମ, ଯେଉଁମାନେ ଜୀବନର ସବୁକିଛି ତ୍ୟାଗ କରି ଲୋକମାନଙ୍କ ମୁହଁରେ ହସ ଫୁଟାଇଥାନ୍ତି, ସମାଜକୁ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୁଅନ୍ତି।

ଜୟ କଳା... ଜୟ କଳାକାର....

**ପରୀକ୍ଷକ- ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର, ମୋ- ୯୪୩୭୦୯୩୩୨୦**



# ମୋ କଲମରୁ ପଦେ
# କଳାକାର ଜୀବନ ପାଇଁ...



**ସିମ୍ରନ୍ ପୃଷ୍ଟି**
କଳାକାର

ଦୁନିଆ ବଡ ବିଚିତ୍ର। ବିଚିତ୍ରମୟ ଦୁନିଆରେ ସମସ୍ତେ ଜଣେ ଜଣେ କଳାକାର। ନିଜ ନିଜ ଅଭିନୟ ଶୈଳୀରେ ସମସ୍ତେ ସିଦ୍ଧହସ୍ତ। କଥାଟା ସତ। ଓଡ଼ିଆ କଳାକାରଙ୍କ ଜୀବନ କାହାଣୀ ସତରେ ବଡ଼ ସଂଘର୍ଷମୟ। ଯଦି ଜଣେ ନିଜର ରୁଚିକୁ ନିଷ୍ଠାର ସହ ଅନୁସରଣ କରେ ତା' ପାଇଁ ଜୀବନରେ ସଫଳତାର ଦ୍ୱାର ଆପେ ଖୋଲିଯାଏ। କାହିଁକିନା ଗୋଟିଏ କଳାକାରର ସାଧନା, ଏକାଗ୍ରତା, ନିଷ୍ଠା ହିଁ ନିଜର ପରିଚୟ ତିଆରି କରିଥାଏ। ତା' ଜୀବନରେ ଯେତେ ବଡ଼ ବିପତ୍ତି ଆସୁନା କାହିଁକି ସବୁ ବିପତ୍ତିକୁ ସାମ୍ନା କରି ମଥା ପାତି ହସି ହସି ସହିଯାଏ। ସେଥିପାଇଁ ତ ସେ କଳାକାର। ହୋଇ ଥାଉ ପଛେ ସେ ମଞ୍ଚ ଅଭିନେତା, ସିନେମାର ଚରିତ୍ରଟିଏ। ଚିତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ, ସଙ୍ଗୀତଜ୍ଞ, ବାଲୁକା କଳା, କିଏ ହସେଇ ହସେଇ ବେଦମ୍ କରି ପାରୁଥିବା କଳାକାରଟିଏ ହେଉ ଅବା ଦର୍ଶକଙ୍କର ମନକୁ ଛୁଇଁଲା ଭଳି ସଂଳାପ କହି ବାଜିମାତ୍ କରୁ। ସେମାନଙ୍କର ନିଷ୍ଠା, ପରିଶ୍ରମ ଏବଂ ସୃଜଶୀଳତା ହିଁ ସଫଳତାର ସିଡ଼ି ଚଢ଼ିବାର ବାଟକୁ ଖୋଲା କରିଦେଇଥାଏ। ସେମାନଙ୍କୁ ଜଣେ ଜଣେ ଉନ୍ନତ ସ୍ଥାନର ସମ୍ମାନ ଏବଂ ପ୍ରଶଂସିତ ହେବାର ଦୃଢ଼ ଆତ୍ମବିଶ୍ୱାସରୁ କେହି ହେଲେ ପଥଭ୍ରଷ୍ଟ କରିପାରିବେ ନାହିଁ। ଡିଜିଟାଲ ଯୁଗରେ ମଧ୍ୟ ଦେଖାଯାଏ ଅଧିକାଂଶ କଳାକାର ଅଭାବ, ଅନାଟନ ଏବଂ ସୀମିତ ସୁଯୋଗ ମଧ୍ୟ ଦେଇ ଗତି କରୁଛନ୍ତି। ସେମାନଙ୍କୁ ଦୃଷ୍ଟିରେ ରଖି କିଛି ସମାଧାନର ବାଟ ଦେଖାଇବା ନିହାତି ଜରୁରୀ ମନେହୁଏ। ନିଜ ମାଟିର କଳା ଓ ସଂସ୍କୃତିକୁ ଜୀବିତ ରଖିବା ପାଇଁ କଳାକାରମାନେ ନିଜ ଜୀବନକୁ ବାଜିରେ ଲଗାଇବାରେ ପଛାଉ ନାହାନ୍ତି। କାରଣ ସେମାନଙ୍କ ପାଇଁ କଳା କେବଳ ଏକ ବୃତ୍ତି ନୁହେଁ ବରଂ ଲାଗେ ଯେମିତି ଦେବାର୍ପିତ ସେବା। ଦର୍ଶକଙ୍କ କରତାଳିର ଶବ୍ଦ ପଛରେ ଲୁଚି ରହିଥିବା ସେମାନଙ୍କର ଲୁହ, ତ୍ୟାଗ, କଠିନ ପରିଶ୍ରମ ହିଁ ସେମାନଙ୍କୁ କେବଳ ଓଡ଼ିଶାରେ ନୁହେଁ, ବିଶ୍ୱ ଦରବାରରେ ନିଜ ନିଜର କଳାକୃତି ପାଇଁ ସେମାନଙ୍କୁ ଗୌରବାନ୍ୱିତ କରିଥାଏ। ଓଡ଼ିଶାରେ ଏମିତି ଅନେକ କଳାକାର ଅଛନ୍ତି ଯେଉଁମାନେ ନିଜର ଅସାଧାରଣ ପ୍ରତିଭା ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି। ଓଡ଼ିଆ କଳାକାରମାନେ ସେମାନଙ୍କର ଜୀବନ୍ତ କଳା ମାଧ୍ୟମରେ ଆମ ସଂସ୍କୃତିକୁ ଜୀବିତ ରଖିଥାନ୍ତି।

ସତରେ କଳାକାରର କୌଣସି ଶେଷ ନ ଥାଏ। ସେମାନେ ନୂଆ ନୂଆ କଳାର ଉଦ୍‌ଭାବନ କରି ନିଜର ପ୍ରତିଭା ମାଧ୍ୟମରେ ସଦା ସର୍ବଦା ଅମର ହୋଇ ରହିଥାନ୍ତି। ସେଇ ପ୍ରତିଭାବାନ୍ କଳାକାରମାନଙ୍କୁ ଏତିକି କହିବାକୁ ଚାହୁଁଛି ଯେମିତିକି ସେମାନେ ସଫଳତାରୁ ଆହୁରି ସଫଳତା ସାଉଁଟିବାରେ କେବେବି ଥକି ନ ପଡନ୍ତୁ। ଆଜିକାଲି କଳାକାରମାନଙ୍କର ଅଭାବ ନାହିଁ ସତ କିନ୍ତୁ ସମସ୍ତଙ୍କୁ ଗୋଟିଏ ଥର ହେଉ ପଛେ ସୁଯୋଗଟେ ଦେବା ନିହାତି ଜରୁରୀ।

**କଟକ**



# କଳାକାରର
# କିଛି କଥା କିଛି ବ୍ୟଥା

**ଅଶିତା ଶତପଥି**
କଳାକାର

ଉତ୍କର୍ଷ କଳାର ମାଟି ଉତ୍କଳ। ଯାହାର କଳା ଓ କଳାକାର ବିଶ୍ୱ ଦରବାରରେ ବହୁଚର୍ଚ୍ଚିତ ଓ ବନ୍ଦିତ, ଯାହାର କଳାକୃତି ବହୁ ବିମୁଗ୍ଧ କଳାନୁରାଗୀଙ୍କୁ ଆକର୍ଷି ଆଣେ ଏ ମାଟିକୁ। କେବେ କୋଣାର୍କ ଭଳି ଅନନ୍ୟ କଳାକୃତି ଗଢ଼ିଯାଇଥିବା କଳାକାରକୁ ଖୋଜୁଛନ୍ତି କେତେଜଣ ? ସମସ୍ତେ କଳାକୁ ପ୍ରଶଂସା କରନ୍ତି, ମାତ୍ର ପ୍ରଶଂସାର ଉହାଡ଼ରେ ରହିଯାଏ ବିଚରା ଶିଳ୍ପୀଟିଏ, କଳାକାରଟିଏ। ନା ଇତିହାସ ମନେପକାଏ ନା ଦର୍ଶକ। ଚିରକାଳ ଭୋକ, ଓପାସ, ଅଭାବ, ଅନାଟନ ଭିତରେ ସନ୍ତୁଳି ହେଉଥିବା କଳାକାରଟିଏ କ'ଣ ବିସ୍ମୃତିର ଅନ୍ଧକାର ଭିତରେ ଏମିତି ଲିଭିଯାଉଥିବ ? ନା ନିଜ ପାଇଁ ନିଜର ପରିଚୟ ଖୋଜିବା ସହ ଦୁନିଆ ଆଗରେ ସ୍ପର୍ଦ୍ଧିତ ମୁଣ୍ଡ ଉଠେଇ ଠିଆ ହେବ। ଆଉ କହିବ- ମୁଁ ସେହି କଳାକାର। କଳାର ବିମୁଗ୍ଧ ରୂପ ମଧ୍ୟରେ ମୋତେ ଚିହ୍ନ, ଜାଣ।

କଳାକାରଙ୍କ ପାଇଁ ସରକାର ନା ଦର୍ଶକ ଗଭୀର ଭାବରେ ଚିନ୍ତା ଆଜିଯାଏ କରିଛନ୍ତି କି ? ତୁଚ୍ଛ କରତାଳି, ନୁଖୁରା ପ୍ରଶଂସାରେ କଳାକାରର ପେଟ ପୁରେନା କି ଦୁଃଖ ଘୁଞ୍ଚେନା। ଅନେକ କଳାକାର ଏମିତି ଅଭାବ ଅନାଟନ ଭିତରେ ଯୁଝି ଯୁଝି ଝରିପଡ଼ିଲେ ସିନା କିନ୍ତୁ ତାଙ୍କର ଦୁଃଖ ଘୁଞ୍ଚିଲା ନାହିଁ। ଏଥିପାଇଁ ସରକାର ସମ୍ପୂର୍ଣ୍ଣ ଉଦାସିନ। କଳାକାର ଭତ୍ତା ସରକାର ପ୍ରଦାନ କଲେ ସିନା, ତାହା ସୀମିତ ରହିଗଲା। ସରକାର ଅନ୍ୟମାନଙ୍କ କଥା ବୁଝିଲେ ନାହିଁ। ମିହିର ଦାସ, ହର ପଟ୍ଟନାୟକ, ପିଣ୍ଟୁ ନନ୍ଦ ଭଳି କଳାକାର ଆର୍ଥିକ ଦୂରବସ୍ଥା ମଧ୍ୟରେ ଉପଯୁକ୍ତ ଚିକିତ୍ସା ନ ପାଇ ଆଖି ବୁଜିଲେ। ମଣିଭଦ୍ର ବିଶ୍ୱାସ ଆଜି ଜରାଶ୍ରମରେ। ଏହା କ'ଣ କଳାକାରର ଭାଗ୍ୟ ? ମଞ୍ଚରେ ରାଜା ହୋଇ ଟିଭି ପରଦାରେ ତୁଚ୍ଛା ଆସ୍ଫାଳନ କରୁଥିବା କଳାକାରଟି ଗ୍ରୀନରୁମ୍‌ରୁ ବାହାରିଲେ ତା'ର ହାତ ଭିଡେ ଭୋକ ଆଉ ଅନାଟନ। ମିଛ ମେକପ୍ ପରି ଧୋଇ ହୋଇଯାଏ ନୁଖୁରା ସ୍ୱରୂପ ଶୁଖିଲା ହସ।

ଆଜି ପାଇଁ ଆହ୍ୱାନ। ମାତ୍ର ଏବେ ସମସ୍ୟା ହେଉଛି ସମସ୍ତେ ସମାନ ପ୍ରକାରର ସୁବିଧା ସୁଯୋଗ ପାଉନାହାଁନ୍ତି। ସମ୍ମାନ ଉପାର୍ଜନ ମଧ୍ୟ କରିପାରୁ ନାହାନ୍ତି। ଯାହାକି ଜୀବିକା ନିର୍ବାହ ପାଇଁ ବଡ଼ ଅନ୍ତରାୟ, ଏଥିପାଇଁ କଳାକାର ସଂଘର ଆବଶ୍ୟକତା ଅଛି। ଯେଉଁମାନେ ମିଳିତ ଭାବରେ ନିଜ ପାଇଁ ଲଢ଼ିବେ। ନିଜର ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିବେ। ନିଜର ହକ୍ ମାଗିବେ। କୁହାଯାଏ ଏକତା ହିଁ ବଳ। ସମଷ୍ଟି ହିଁ ଶକ୍ତି। ଆଜି ବେଳ ଆସିଛି ତାହା ଆମେ ପ୍ରତିପାଦନ କରିବା।

ଆସନ୍ତୁ ଏହି ଆହ୍ୱାନକୁ ଆମେ ସାମ୍ନା କରିବା। ଖାଲି ମନୋରଞ୍ଜନ ବାଣ୍ଟିବା ଆମର କାମ ନୁହେଁ, ନିଜର ଭୋକକୁ ଦୁଃଖକୁ ସାମ୍ନାରେ ଉପସ୍ଥାପନ କରିବା ମଧ୍ୟ ଆମର କାମ। ଆମର ହକ୍ ଆଦାୟ କରିବା ମଧ୍ୟରେ ଆମର କର୍ତ୍ତବ୍ୟ, ଆମେ କଳାକାର ସବୁ ମିଶି ସଂଗ୍ରାମ କରି ନିଜର ଅଧିକାରକୁ ସାବ୍ୟସ୍ତ କରିବା।

(ଜୟ ଜଗନ୍ନାଥ)












## ନାଟକ : ଭିନ୍ନ ଏକ ମହାଭାରତ comming soon...



ବ୍ୟଙ୍ଗ କବିତା

# ଆମ ନେତା

ଅଭୟ ନାଥ

ଭୋଅଟ ଆଗରୁ ମୁହଁଟାକୁ ତାଙ୍କ
ଶୁଖିଲା ଟାକୁଆ କରି
ଏ ଗଳି ସେ ଗଳି କୁଜି ନେତା ଧରି
ବୁଲୁଥାନ୍ତି ଘିରିଘିରି ।

ମଞ୍ଚକୁ ଚଢ଼ନ୍ତି ଯେତେବେଳେ ସିଏ
ଝରେ ଅମୃତ ଭଳିଆ କଥା
ପ୍ରତିଶ୍ରୁତି ତଳେ ଚାପନ୍ତି ଏମିତି
ଗଦ୍‌ଗଦ୍ ହୁଅନ୍ତି ଜନତା ।

କା'ଘରେ ପଖାଳ ଶାଗ ଭଜା ଖାଇ
ସାଉଁଣ୍ଟନ୍ତି ସେ ସିମ୍ପାଥି
ପାଦ ନ ପଡ଼ିଥିବା ଜାଗାକୁ ଯାଆନ୍ତି
ହେଇ ସିଏ କୁନ୍ଥିକାନ୍ଥି।

ଭୋଅଟ ଦିନ ବି ବୁଥ୍ ବୁଥ୍ ଯାଇ
ମାରନ୍ତି ଗଣ୍ଡାଏ ଜୁହାର
ତାଙ୍କ ବ୍ୟବହାର ଦେଖିଲେ ଲାଗିବ
ସେ ଏକା ଜଗତେ ନିଜର।

ସିଂହାସନ ଥରେ ମିଳିଗଲା ପରେ
ଭୁଲିଯାନ୍ତି ପଛକଥା
ସେଦିନ ଏଦିନ ବେଭାର ଦେଖିଲେ
ଛିଣ୍ଡି ଗଡ଼ିଯାଏ ମଥା।

ଧରାକୁ ମଣନ୍ତି ସରା
ଠାଣି ଦେଖି ଆଖି ହୁଏ ଟେରା
ବାବା କିଲୋ ରଙ୍ଗ କେଡେ ଢ଼ଙ୍ଗଢ଼ାଙ୍ଗ
କଟକିଆ ଛାଣ୍ଟ୍ ଦାମି ସାର୍ଟ ପ୍ୟାଣ୍ଟ୍
ଆଠଟା ଦିନରେ ଗୋରା
ଦେହେ ପଡେନା ତାଙ୍କର ଖରା।

ରାସ୍ତାରୁ ଚିପ୍‌ସି ଆବାସରୁ ପିସି
ନେଇକି କରନ୍ତି ଠୁଳ
ଶାଗ ପେଜ ଖିଆ ଆଠ ସପ୍ତାହରୁ
ନିତି ଖାଏ ମାଂସ ଝୋଳ।

ଶୁଣି ବହିଯାଏ ଢ଼ାଳେ ଝାଳ
ସାକ୍ଷାତ ଅଞ୍ଚଳ ପାଇଁକା କାଳ
ରହ ରହ ବାପ ଶଗଡ଼ର ଚକ
ଯୋଉଦିନ ହବ ତଳ

ସିଂହାସନ ସହ ପତିଆରା ଯିବ
ପଡ଼ିଯିବ ଯୋତା ମାଳ
ଜନତାଙ୍କ ପାଟି ହବ ଦି'ଫାଳ
ତୋ ଉପରେ କଡ଼ା ନଜର, ଜନତାଙ୍କର
ତୁ ହେଇଥା ଯେତେ ଚୋର
ଧରା ପଡ଼ିବାଟା ସାର
ଏବେ ବି ଅଛିରେ ବେଳ
ଦିଶୁଛିବି ଜଳ ଜଳ
ଆସିଗଲା ତୋର ପ୍ରତିଦ୍ୱନ୍ଦୀ ପରି
ତୋ ଗାଦିଚ୍ୟୁତ ବେଳ।

# ମୋ ସ୍ୱାମୀ
# ଟିକିଏ କଳା କିନ୍ତୁ...



**ଛବିତା ମାର୍ଥା**

ଆପଣଙ୍କର ଏହି ଭାବନାଟି ବହୁତ ସୁନ୍ଦର। ରଙ୍ଗ କେବେହେଲେ କାହାର ବ୍ୟକ୍ତିତ୍ୱ ବା ପ୍ରେମକୁ ମାପି ପାରିବ ନାହିଁ। ଏହାକୁ ଆହୁରି ମଧୁର କରିବା ପାଇଁ ଆପଣ ଏହିପରି କିଛି କହିପାରିବେ:

ମୋ ସ୍ୱାମୀ ଟିକିଏ କଳା, କିନ୍ତୁ ତାଙ୍କ ମନଟା ସତରେ ବହୁତ ସୁନ୍ଦର ଆଉ ସ୍ୱଚ୍ଛ। ସେ ମୋ ପାଇଁ ସବୁଠାରୁ ଆକର୍ଷଣୀୟ।

ରଙ୍ଗରେ କ'ଣ ଅଛି ? ମୋ ସ୍ୱାମୀଙ୍କର ବ୍ୟକ୍ତିତ୍ୱ ଆଉ ମୋ ପ୍ରତି ଥିବା ତାଙ୍କର ଭଲପାଇବା ହିଁ ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଲୋକେ କୁହନ୍ତି ସେ କଳା, କିନ୍ତୁ ମୁଁ ଦେଖେ ତାଙ୍କ ଭିତରେ ଥିବା ସେହି ମହାନ ହୃଦୟକୁ, ଯାହା ମୋ ଜୀବନକୁ ଆଲୋକିତ କରି ରଖିଛି।

କଳା ରଙ୍ଗ ତ ଶ୍ରୀକୃଷ୍ଣଙ୍କର ଆଉ ମୋ ପାଇଁ ମୋ ସ୍ୱାମୀ ହେଉଛନ୍ତି ସେହି କୃଷ୍ଣ, ଯିଏ ମୋ ସଂସାରକୁ ସୁଖରେ ଭରି ଦେଇଛନ୍ତି।

ପ୍ରକୃତରେ, ମଣିଷର ରଙ୍ଗଠାରୁ ତା'ର ସ୍ୱଭାବ ଏବଂ ଆପଣଙ୍କ ସହ ତା'ର ସମ୍ପର୍କ ଅନେକ ଗୁଣରେ ମୂଲ୍ୟବାନ। ଆପଣଙ୍କ ଏହି ପଜିଟିଭ୍ ଚିନ୍ତାଧାରା ଆପଣଙ୍କ ସଂମ୍ପର୍କକୁ ଆହୁରି ଗଭୀର କରିବ।

ଆପଣଙ୍କ ସମ୍ପର୍କରେ ଏମିତି ଆଉ କ'ଣ ବିଶେଷ କଥା ଅଛି, ଯାହା ଆପଣଙ୍କୁ ବହୁତ ପସନ୍ଦ ?

କେବଳ ଚେହେରାରେ ନଥାଏ, ତାହା ଥାଏ ମଣିଷର କାର୍ଯ୍ୟ ଓ ବ୍ୟବହାରରେ। ମୋ ସ୍ୱାମୀଙ୍କର ସେହି ଗୁଣଗୁଡ଼ିକ ହିଁ ମୋ ପାଇଁ ପ୍ରକୃତ ସୌନ୍ଦର୍ଯ୍ୟ।

ଆତ୍ମବିଶ୍ୱାସର କଥା: ଜଣେ ବ୍ୟକ୍ତିର ରଙ୍ଗ ତାଙ୍କର ପରିଚୟ ନୁହେଁ, ବରଂ ତାଙ୍କର ସାହସ, ସହାନୁଭୂତି ଏବଂ ପରିଶ୍ରମ ହିଁ ତାଙ୍କର ପ୍ରକୃତ ପରିଚୟ। ମୁଁ ଗର୍ବିତ ଯେ ମୁଁ ଏମିତି ଜଣେ ମଣିଷଙ୍କୁ ପାଇଛି।

ଆଧ୍ୟାତ୍ମିକ ଦୃଷ୍ଟିକୋଣ : ଭଗବାନ ସମସ୍ତଙ୍କୁ ଭିନ୍ନ ଭିନ୍ନ ରୂପ ଦେଇଛନ୍ତି। ଯେଉଁ ରଙ୍ଗରେ ମୋ ସ୍ୱାମୀଙ୍କୁ ଗଢ଼ିଛନ୍ତି, ସେହି ରଙ୍ଗରେ ହିଁ ମୁଁ ତାଙ୍କୁ ସବୁଠାରୁ ଅଧିକ ଭଲପାଏ।

ସାଥୀ ପାଇଁ ସମ୍ମାନ: ଜୀବନର ଖରା ବର୍ଷାରେ ଯିଏ ସବୁବେଳେ ପାଖରେ ଛିଡ଼ା ହୁଏ, ତା'ର ରଙ୍ଗ ସହ ବାସ୍ତବରେ କୌଣସି ସଂପର୍କ ନଥାଏ। ତାଙ୍କର ସ୍ନେହ ଏବଂ ଭରସା ହିଁ ମୋ ଦୁନିଆ।

ଆପଣ ଏହାକୁ ନିଜର ଶବ୍ଦରେ କହିବା ପାଇଁ ଚେଷ୍ଟା କରନ୍ତୁ, କାରଣ ଆପଣଙ୍କ ମନର ଭାବନା ହିଁ ସବୁଠାରୁ ଅଧିକ ପ୍ରଭାବଶାଳୀ।

ଏହିପରି କଥାଗୁଡ଼ିକ ଆପଣଙ୍କ ସମ୍ପର୍କକୁ ଆଉ କେତେ ନିବିଡ଼ କରିବ ବୋଲି ଆପଣ ଭାବୁଛନ୍ତି ?



**ପ୍ରଣୟ ଜେଠୀ**

**ପ୍ରଚାର ଓ ପ୍ରସାର ବିଭାଗ**

କଳାକାର ଦିବସ ଉପଲକ୍ଷେ
ସମସ୍ତ କଳାକାର ଭାଇ ଓ ଭଉଣୀମାନଙ୍କୁ
ମୋର ଅନେକ ଶୁଭେଚ୍ଛା ଓ ଶୁଭକାମନା










Divyanshi's




LADIES
महिला




BIRTHDAY









ସମାଜ

## ଓଡ଼ିଆ କଳାକାରଙ୍କ ପ୍ରୟାସ

# ପଥଚାରୀଙ୍କୁ 'ଦହି ଛୁଙ୍କ ପଖାଳ' ବଣ୍ଟନ



ଭୁବନେଶ୍ୱର, ୨୧।୫(ନି.ପ୍ର): ରାଜଧାନୀରେ ଗ୍ରୀଷ୍ମ ଲହରୀ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ପଥଚାରୀଙ୍କୁ ଆଶ୍ୱସ୍ତି ଦେବା ପାଇଁ ଆଗେଇ ଆସିଛନ୍ତି ଓଡ଼ିଆ କଳାକାର। 'ଓଡ଼ିଆ କଳାକାରଙ୍କ ସ୍ୱର' (ଓକେଏସ୍) କଳାକାର ମହାସଂଘ ପକ୍ଷରୁ ଗୁରୁବାର ଇନ୍ଦିରା ଗାନ୍ଧୀ ପାର୍କ ନିକଟରେ ଏକ ମହତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଖରାଟିଆ ରାସ୍ତାରେ ଯାଉଥିବା ପ୍ରାୟ ୫୦୦ରୁ ଅଧିକ ପଥଚାରୀଙ୍କୁ ଓଡ଼ିଆଙ୍କ ପ୍ରିୟ ପାରମ୍ପରିକ 'ଦହି ଛୁଙ୍କ ପଖାଳ' ସହ ବିଭିନ୍ନ ସୁଆଦିଆ ବ୍ୟଞ୍ଜନ ବଣ୍ଟନ କରାଯାଇଛି। କଳାକାରଙ୍କର ଏହି ନିଆରା ସେବା ମନୋବୃତ୍ତି ସହରବାସୀଙ୍କ ମଧ୍ୟରେ ବେଶ୍ ପ୍ରଶଂସନୀୟ ହୋଇଛି। ଓକେଏସ୍‌ର ସଭାପତି ଶ୍ରୀଧର ମାର୍ଥା ଓ ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅତିଥିଙ୍କ ମଧ୍ୟରେ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଟିମ୍ ଆଡମାର୍କର ସିଏମ୍‌ଡି ନିଶିକାନ୍ତ ମିଶ୍ର, ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ, ପୂର୍ବତନ କର୍ପୋରେଟର ନରେନ୍ ସାହୁ ଏବଂ ସମାଜସେବୀ ବାପୁ ଓଝା ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କ ଏହି ପ୍ରୟାସକୁ ଉତ୍ସାହିତ କରିଥିଲେ। ଓକେଏସ୍‌ର ଉପସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ମୃଣ୍ମୟ ନାୟକ, ସହ ସମ୍ପାଦକ ବରଦା ପ୍ରସନ୍ନ ପାତ୍ର ଏବଂ ଆଇନ ପରାମର୍ଶଦାତା ବାପୁ ରଥ ସହଯୋଗ କରିଥିଲେ। ଏଥିସହିତ କଣ୍ଠଶିଳ୍ପୀ ଓ ଅଭିନେତ୍ରୀ ଲିପିକା ମହାନ୍ତି, ଗୀତାଞ୍ଜଳି ବେହେରା, ମିଲି ମିଶ୍ର, ଏଲିନା ପ୍ରିୟଦର୍ଶିନୀ, ସନ୍ଧ୍ୟାରାଣୀ ଉପାଧ୍ୟାୟ, ସବିତା ସାହୁ, ସିନା ମହାନ୍ତି, ପୁଷ୍ପଶ୍ରୀ ଦାସ, ଅସିତା ତ୍ରିପାଠୀ ଏବଂ ଅଭିନେତା ରସାନନ୍ଦ ଦାସ, ସାର୍ଥକ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପଖାଳ ବଣ୍ଟନ କରିଥିଲେ।

The Samaja, BHUBANESWAR Edition
Page No.8 May 22, 2026

---

ସକାଳ
THE SAKALA
Bhubaneswar - 22 May 2026 - Page 4

# ଓକେଏସ୍ ପକ୍ଷରୁ ଗ୍ରୀଷ୍ମକାଳୀନ ପଖାଳ ବଣ୍ଟନ



ଭୁବନେଶ୍ୱର, ୨୧।୫(ସମିସ): ଓଡ଼ିଆ କଳାକାରଙ୍କ ସ୍ୱର ଓକେଏସ୍ କଳାକାର ମହାସଂଘ ପକ୍ଷରୁ ଗୁରୁବାର ଇନ୍ଦିରାଗାନ୍ଧୀ ପାର୍କ ନିକଟରେ ୫୦୦ ଜଣ ପଥଚାରୀଙ୍କୁ ପଖାଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ସିଏମଡି ଟିମ ଅଦମାର୍କ ନିଶିକାନ୍ତ ମିଶ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଖ୍ୟାତନାମା ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ପ୍ରଣବ ଦାସ, କର୍ପୋରେଟର୍ ନରେନ୍ ସାହୁ, ସଭାପତି, ସାମାଜିକ ସେବା ବାପୁ ଓଝା, ଓକେଏସ୍ ସଭାପତି ଶ୍ରୀଧର ମାର୍ଥା ପ୍ରମୁଖ ଓକେଏସ୍ ପରିବାରର ପ୍ରମୁଖ ସଦସ୍ୟ ଏବଂ ସଦସ୍ୟା ମାନେ ଉପସ୍ଥିତ ରହି ଏହି ଗ୍ରୀଷ୍ମକାଳୀନ ପଖାଳ ବଣ୍ଟନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପାଖାପାଖି ୫୦୦ ଜଣ ପଥଚାରୀ ପଖାଳ ଭାତ ଖାଇଥିଲେ। ଦହି ଛୁଙ୍କ ପଖାଳ ସାଙ୍ଗକୁ ଆଳୁ ଭର୍ତ୍ତା, ବଡ଼ି ଭଜା, ଶାଗ ଭଜା, ପୋଟଳ ଆଳୁ ମସଲା, ପାମ୍ପଡ, ଆଚାର ଦିଆଯାଇଥିଲା। ଏହା ସହିତ ଟଙ୍କ ତୋରାଣି ମଧ୍ୟ ୫୦୦ ଜଣଙ୍କୁ ବଣ୍ଟା ଯାଇଥିଲା। ଏହିଭଳି ଜନସେବା କାର୍ଯ୍ୟକ୍ରମ କରି ସେବା କାର୍ଯ୍ୟରେ ଓଡ଼ିଆ କଳାକାରଙ୍କ ଉଦ୍ୟମ ବହୁତ୍ ପ୍ରଶଂସନୀୟ।ଅନେକ ପଥଚାରୀ ପଖାଳ ଖାଇବା ସହିତ ଓକେଏସ୍ ମହାସଂଘ କୁ ଭୂରି ପ୍ରଶଂସା କରିଥିଲେ। ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ଆର ବର୍ଷ ୧୦୦୦ ଜଣ ପଥଚାରୀଙ୍କ ପାଇଁ ଏହି ପଖାଳ ବଣ୍ଟନ କରାଯିବ ବୋଲି ସୂଚନା ଦେଇଛନ୍ତି।

ସକାଳ THE SAKALA

---

## ଓକେଏସ୍‌ର ଗ୍ରୀଷ୍ମକାଳୀନ ପଖାଳ ବଣ୍ଟନ

# ପଖାଳ ଛୁଙ୍କରେ ମହକିଲା ଇନ୍ଦିରା ପାର୍କ

ଭୁବନେଶ୍ୱର,୨୧।୫(ବ୍ୟୁରୋ): ଓଡ଼ିଆ କଳାକାରଙ୍କ ସ୍ୱର (ଓକେଏସ୍) କଳାକାର ମହାସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ଇନ୍ଦିରା ଗାନ୍ଧି ପାର୍କ ନିକଟରେ ୫୦୦ ଜଣ ପଥଚାରୀଙ୍କୁ ପଖାଳ ବଣ୍ଟନ କରାଯାଇଥିଲା।

**୫୦୦ଙ୍କୁ ଖୁଆଇଲେ, ଆରଥରକୁ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା**



କାର୍ଯ୍ୟକ୍ରମରେ ସମାଜସେବୀ ଜଗନ୍ନାଥ ପ୍ରଧାନ, ନିଶିକାନ୍ତ ମିଶ୍ର, ସିନେ ନିର୍ଦ୍ଦେଶକ ପ୍ରଣବ ଦାସ, ନରେନ୍ ସାହୁ, ବାପୁ ଓଝା, ଅନୁଷ୍ଠାନ ସଭାପତି ଶ୍ରୀଧର ମାର୍ଥା, ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ଓ ଅନ୍ୟ ସଦସ୍ୟ ଓ କଳାକାରମାନେ ଉପସ୍ଥିତ ରହି ପଖାଳ ବଣ୍ଟନ କରିଥିଲେ। ଦହି ଛୁଙ୍କ ପଖାଳ ସାଙ୍ଗକୁ ଆଳୁ ଭର୍ତ୍ତା, ବଡ଼ି ଭଜା, ଶାଗ ଭଜା, ପୋଟଳ ଆଳୁ ମସଲା, ପାମ୍ପଡ, ଆଚାର ଏବଂ ଟଙ୍କ ତୋରାଣି ଦିଆଯାଇଥିଲା। ଆଜି ପ୍ରବଳ ଗରମ ଓ ଗୁଳିଗୁଳି ସତ୍ତ୍ୱେ ଅନେକ ପଥଚାରୀ ପଖାଳ ଖାଇବା ସହିତ ମହାସଂଘକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଆସନ୍ତା ବର୍ଷକୁ ୧୦୦୦ ଜଣ ପଥଚାରୀଙ୍କ ପାଇଁ ଏହି ପଖାଳ ବଣ୍ଟନ ବ୍ୟବସ୍ଥା କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା।

---

# 'ଜୁଲାଇ ୨୪କୁ କଳାକାର ଦିବସ ଘୋଷଣା କରାଯାଉ'



ଭୁବନେଶ୍ୱର, ୨୦।୭ (ନି.ପ୍ର): ଓଡ଼ିଆ କଳାକାରଙ୍କ ସ୍ୱର (ଓକେଏସ୍) ପରିବାର ପକ୍ଷରୁ ଆସନ୍ତା ୨୪ରେ ସ୍ଥାନୀୟ ଭଞ୍ଜ କଳାମଣ୍ଡପରେ ରାଜ୍ୟସ୍ତରୀୟ କଳାକାର ଦିବସ ପାଳିତ ହେବ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ୨୦ ଗୁରୁଙ୍କୁ ସମ୍ମାନିତ କରାଯିବ। ଏଥିସହ ତୃତୀୟ ବାର୍ଷିକୀ ସ୍ମରଣିକା 'ସ୍ୱର ଓ ସ୍ୱାକ୍ଷର' ଉନ୍ମୋଚିତ ହେବ। ସଂଗଠନର ୧୦୦ କଳାକାରଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ୨ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ରାଶି ପ୍ରଦାନ କରାଯିବ।

ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଶିବିର ଓ ନାଟକ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଜୁଲାଇ ୨୪କୁ କଳାକାର ଦିବସ ଭାବେ ପାଳନ କରିବାକୁ ପ୍ରତ୍ୟେକ କଳାକାରଙ୍କୁ ଅନୁରୋଧ କରାଯିବା ସହ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାରପ୍ରସାର ପାଇଁ ନିବେଦନ କରାଯାଇଛି।

ଏଥିସହ ଜୁଲାଇ ୨୪ କୁ କଳାକାର ଦିବସ ଭାବେ ରାଜ୍ୟ ସରକାର ଘୋଷଣା କରିବାକୁ ଅନୁରୋଧ କରାଯାଇଛି। ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓକେଏସ୍ ସଭାପତି ଶ୍ରୀଧର ମାର୍ଥା, ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ଉପସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ ବରଦା ପ୍ରସନ୍ନ ପାତ୍ର, କୋଷାଧ୍ୟକ୍ଷ ମୃଣ୍ମୟ ନାୟକ, ବିକାଶମୂଳକ ଅଧିକାରୀ ସୁଶାନ୍ତ କୁମାର ଶତପଥୀ ଓ ଗୀତାଞ୍ଜଳି ବେହେରା, ଆଇନ ପରାମର୍ଶଦାତା ତ୍ରିଲୋଚନ ରଥ, କାର୍ଯ୍ୟକାରୀ ସଦସ୍ୟ ମିଲି ମିଶ୍ର, ସାର୍ଥକ ପ୍ରଧାନ, ଜ୍ଞାନଦୀପ ଖୁଣ୍ଟିଆ, ସିନା ମହାନ୍ତି ଉପସ୍ଥିତ ଥିଲେ।

---

# 'ଓଡ଼ିଆ କଳାକାରଙ୍କ ସ୍ୱର' ପରିବାର ପକ୍ଷରୁ ଆସନ୍ତା ୨୪ରେ କଳାକାର ଦିବସ ଆୟୋଜନ




ଭୁବନେଶ୍ୱର,୨୦।୭ (ଓସବ୍ୟୁ): 'ଓଡ଼ିଆ କଳାକାରଙ୍କ ସ୍ୱର' , ପରିବାର ପକ୍ଷରୁ ଆସନ୍ତା ଜୁଲାଇ ମାସ ୨୪ ତାରିଖ ଦିନ ସ୍ଥାନୀୟ ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ କଳାକାର ଦିବସ ଆୟୋଜନ କରାଯାଉଅଛି। ଏହି କଳାକାର ଦିବସ ଗତ ୬ ବର୍ଷ ଧରି ଆୟୋଜିତ ହେଇ ଆସୁଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ବିଭିନ ବର୍ଗର କଳାକାରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଅଛି, ଯଥା - ଲୋକକଳା, ଯାତ୍ରା, ମଞ୍ଚ ନାଟକ , ଚଳଚ୍ଚିତ୍ର, ଧାରାବାହିକ, ସମାଜ ସେବକ, ପ୍ରଯୋଜକ, ନିର୍ଦ୍ଦେଶକ, ସଙ୍ଗୀତଜ୍ଞ, ଲେଖକ, କଣ୍ଠ ଶିଳ୍ପୀ, ବାଦ୍ୟ ଶିଳ୍ପୀ, ଲୋକଗୀତ ଆଦି ସହ ଜଡ଼ିତ ୨୦ ଜଣ ଗୁରୁଙ୍କୁ ତଥା ଓଡ଼ିଶା ପାଇଁ ଗୌରବ ଆଣିଦେଇଥିବା କଳାକାରମାନଙ୍କୁ ସମ୍ମାନିତ କରାଯାଉଅଛି। ଏଥିସହିତ ତୃତୀୟ ବାର୍ଷିକୀ ସ୍ମରଣିକା 'ସ୍ୱର ଓ ସ୍ୱାକ୍ଷର" ଉନ୍ମୋଚିତ ହେବାକୁ ଯାଉଛି ଏହା ସହିତ ସଂଗଠନ ର ୧୦୦ ଜଣ କଳାକାରଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବୀମା ରାଶି ମଧ୍ୟ ପ୍ରଦାନ କରାଯାଉଛି। ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଅଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ସଭାପତି ଶ୍ରୀଧର ମାର୍ଥା, ଉପସଭାପତି ପ୍ରଶାନ୍ତ ଷଡଙ୍ଗୀ ଓ ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ଯୁଗ୍ମ ସମ୍ପାଦକ ବରଦା ପ୍ରଶନ୍ନ ପାତ୍ର, ଟ୍ରେଜରର ମୃଣ୍ମୟ ନାୟକଙ୍କ ସମେତ କାର୍ଯ୍ୟକାରୀ କମିଟି ଓଡ଼ିଶାର ପ୍ରତ୍ୟେକ କଳାକାର ମାନଙ୍କୁ ଅନୁରୋଧ କରିଛନ୍ତି ଯେ, ସମସ୍ତେ ଜୁଲାଇ ୨୪ ତାରିଖ କୁ କଳାକାର ଦିବସ ରୂପେ ପାଳନ କରନ୍ତୁ , ଡଷବଷଇକ୍ତ ଝଷବଷଙ୍କଷ, ରବମରଭକ୍ତଳ ଏବଂ ଓଭଷଷବଶଷବଙ୍କର ଇତ୍ୟାଦି ସୋସିଆଲ ମିଡିଆରେ ରେ ବହୁଳ ଭାବରେ ପ୍ରଚାର ପ୍ରସାର କରନ୍ତୁ ଏବଂ ଓଡ଼ିଶା ସରକାର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ଏହି ଜୁଲାଇ ୨୪ ତାରିଖ କୁ ବିଧିବଦ୍ଧ ଭାବେ କଳାକାର ଦିବସ ବୋଲି ଘୋଷଣା କରନ୍ତୁ। ଏହି କାର୍ଯ୍ୟକ୍ରମରେ ନାଚ୍, ଗୀତ, ମ୍ୟାଜିକ ସୋ, କୋଠିଶାଳ ନୃତ୍ୟ, ନାଟକ ପରିବେଷଣ କରାଯିବ। ସଂସ୍କୃତି ମନ୍ତ୍ରୀ, ବିଧାୟକ ଉତ୍ତର, ବିଧାୟକ ଏକାମ୍ର, ସଂସ୍କୃତି ସଚିବ, ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ, ଏକାମ୍ର ବିଧାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ସବ୍ୟସାଚୀ ମହାପାତ୍ର, ପ୍ରଣବ ଦାସ, ହରିଶ୍ ମହାନ୍ତି, ଶ୍ରୀତମ ଦାସ, ପିଙ୍କି ପ୍ରଧାନ, ଦେବୁ ପଟ୍ଟନାୟକ, ପ୍ରଶାନ୍ତ ପାଢ଼ୀ, ଆଦି ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେବାପାଇଁ ସହମତି ପ୍ରକାଶ କରିଛନ୍ତି। ଆଜିର ପ୍ରେସମିଟ ରେ ସଭାପତି ଶ୍ରୀଧର ମାର୍ଥା, ସମ୍ପାଦନ ମୃତ୍ୟୁଞ୍ଜୟ ପଣ୍ଡା, ସହ ସମ୍ପାଦକ ବରଦା ପ୍ରସନ ପାତ୍ର, କୋଷାଧ୍ୟକ୍ଷ ମୃଣ୍ମୟ ନାୟକ, ବିକାଶମୂଳକ ଅଧିକାରୀ ସୁଶାନ୍ତ କୁମାର ଶତପଥୀ ଓ ଗୀତାଞ୍ଜଳି ବେହେରା, ଆଇନ ପରାମର୍ଶ -ଦାତା ତ୍ରିଲୋଚନ ରଥ, କାର୍ଯ୍ୟକାରୀ ସଦସ୍ୟ ମିଲି ମିଶ୍ର, ସାର୍ଥକ ପ୍ରଧାନ, ଜ୍ଞାନଦୀପ ଖୁଣ୍ଟିଆ, ସିନା ମହାନ୍ତି, ଉପସ୍ଥିତ ଥିଲେ।







SECRETARIES
WELCOME


Blood Donation Camp
Someone of your blood type is
waiting for your donation


ଜୟଦେବ ଭବନ
ଓଡ଼ିଆ କଳାକାରଙ୍କ ସ୍ୱର (OKS)
ପ୍ରସ୍ତୁତି
କଳାକାର ଦିବସ-୨୦୨୪
ZOE WELLNESS






# ଦହି ପଖାଳ ବାଣ୍ଟିଲେ ଓଡ଼ିଆ କଳାକାରଙ୍କ ସ୍ୱର ପରିବାର



ଭୁବନେଶ୍ୱର, ୧୮।୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ କଳାକାରଙ୍କ ସ୍ୱର ପରିବାର ପକ୍ଷରୁ ଗ୍ରୀଷ୍ମକାଳୀନ ଦହି ପଖାଳ ବଣ୍ଟନ ରବିବାର ଇନ୍ଦିରାଗାନ୍ଧୀ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ପଥଚାରୀମାନେ ପଖାଳ ଖାଇ ତୃପ୍ତି ଲାଭ କରିଥିଲେ। କାର୍ଯ୍ୟକ୍ରମକୁ ଭାଜପା ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ କର୍ପୋରେଟର ଅମରେଶ ଜେନା, କର୍ପୋରେଟର ନରେନ ସାହୁ ଓ ପ୍ରତାପ ସାହୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର

ମୃଣ୍ମୟ ନାୟକ, ସହ କୋଷାଧ୍ୟକ୍ଷ ବିଶାଳ ସାହୁ, ସଂଯୋଜକ ସାର୍ଥକ ପ୍ରଧାନଙ୍କ ସହିତ ସ୍ୱର ପରିବାରର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ୬୦ ଖବରଦାତା ଓ ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା। ସମାଜସେବୀ ବାପୁ ଓଝା କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଲିପିକା ମହାରି, ପ୍ରଶାନ୍ତ ଷଡ଼ଙ୍ଗୀ, ସୁଦର୍ଶନ ଦୁବେ, ପ୍ରକାଶ କୁମାର ସ୍ୱାଇଁ, କୁନ୍ଦନ, ଗୀତା, ଶାଶ୍ୱତ, ମନିପାଲ, ସରିତା,



# ଓକେଏସ୍ ପରିବାର ପକ୍ଷରୁ ଗ୍ରୀଷ୍ମ କାଳୀନ ଦହି ପଖାଳ ବଣ୍ଟନ କାର୍ଯ୍ୟକ୍ରମ



ଭୁବନେଶ୍ୱର(ସ୍ୱା.ପ୍ର): ଓଡ଼ିଆ [illegible] ଓକେଏସ୍ ପରିବାର [illegible]

କର୍ପୋରେଟର ବାୟାଁ ଭାଇ, କର୍ପୋରେଟର ନରେନ୍ ସାହୁ, ପ୍ରତାପ ସାହୁ ଉଦଘାଟନ କରିଥିଲେ। ଏଥିରେ [illegible]

ବିଶିଷ୍ଟ ସମାଜସେବୀ ବାପୁ ଓଝାଙ୍କ ଦ୍ୱାରା ଏହି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମକୁ ସମ୍ପାଦନ କରାଯାଇଥିଲା । ଲିପିକା ମହାରି, ପ୍ରଶାନ୍ତ ଷଡ଼ଙ୍ଗୀ, ସୁଦର୍ଶନ [illegible]






OFFICE
CAMP
gme-gutv-ufz
Odia Ka...
Pramod...
Bickky
Arjun
barada
Sibanar...
You
18 others


ଢୁଲୁ ପଣ୍ଡା
ବିଷ ପାନ ଦୋକାନ
ବଜାର ଛକ
POWERPLAY


UTKARSH
ODISHA

# ବିପଦର ବନ୍ଧୁ OKS



# ରକ୍ତଦାନ ଶିବିର
# ସ୍ୱାସ୍ଥ୍ୟ ଶିବିର









# ଖୁସିର ମୁହୂର୍ତ୍ତ...















Happy
Insurance Policy
KABITA BARIK
DRESSES
GENTS WEAR
LADIES WEAR
KIDS WEAR


କଳାକାର ଦିବସ
ପ୍ରସ୍ତୁତି
ସମୟ-ପୂର୍ବାହ୍ନ ୧୨ଘଟିକା
ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର,
ଜୟଦେବବିହାର,
NO ଟେନ୍ସନ୍






ସକାଳ
THE SAKALA
Bhubaneswar - 25 Jul 2023 - Page 12

# ଓଡ଼ିଆ କଳାକାରଙ୍କ ସ୍ୱର ପକ୍ଷରୁ କଳାକାର ଦିବସ

ଭୁବନେଶ୍ୱର,୨୪।୭(ସମିସ)

ଓଡ଼ିଆ କଳାକାରଙ୍କ ସ୍ୱର ପକ୍ଷରୁ କଳାକାର ଦିବସ ପାଳିତ ହୋଇଯାଇଛି। ସୋମବାର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟିଭି କଳାକାର, ଚଳଚ୍ଚିତ୍ର କଳାକାର, ସଙ୍ଗୀତ କଳାକାର, ବାଦ୍ୟ କଳାକାର, ଦାସକାଠିଆ, ପାଲା, ଘୋଡ଼ାନାଚ, କଣ୍ଢେଇନାଚ ପ୍ରମୁଖ କାକଳାରମାନେ ସାମିଲ ହୋଇ କେକ୍ କାଟି ଏହି ଦିବସ ପାଳନ କରିଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହାସହ ଦୁର୍ଘଟଣା ଜନିତ ମୃତ୍ୟୁବରଣ କରିଥିବା କଳାକାରଙ୍କ ପରିବାରକୁ ବୀମା ଅର୍ଥ ରାଶି ପ୍ରଦାନ

## ● ସମ୍ମାନିତ ହେଲେ କଳାକାର

କରାଯିବା ସହ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହାପରେ ଭର୍ଚୁଆଲ ମାଧ୍ୟମରେ କଳକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ନାଟକ 'ନୋ ଟେନସନ୍' ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର ସଭାପତି ଶ୍ରୀଧର ମାର୍ଥାଙ୍କ ଏହି କାହାଣୀକୁ ନାଟ୍ୟରୂପ ନାଟ୍ୟକାର ଅନ୍ତର୍ଯାମୀ ସରଘରିଆ ଦେଇଥିବା ବେଳେ କାର୍ଯ୍ୟକାରୀ ନିର୍ଦ୍ଦେଶନା ଭାର ତୁଲାଇଥିଲେ ପରାଗ ପଟ୍ଟନାୟକ। ସେହିପରି ବୈଷୟିକ ନିର୍ଦ୍ଦେଶନାରେ ରହିଛନ୍ତି ନିରଞ୍ଜନ ବେହେରା। ପରେପରେ ନୃତ୍ୟ ଓ ସଙ୍ଗୀତ ପରିବେଷିତ ହୋଇଥିଲା। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଉପସଭାପତି ମନ୍ମଥ ଶତପଥୀ, ମାର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାମାଜିକ କର୍ମୀ ବାପୁ ଓଝା, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଚଳଚ୍ଚିତ୍ର ପ୍ରଯୋଜକ ଅଜୟ ମହାନ୍ତି, ଅଭିନେତା ଶ୍ରୀତମ ଦାଶ, ପର୍ଯ୍ୟଟନ ବିଭାଗ ଉପଦେଷ୍ଟା ଦୁର୍ଗା ସାମନ୍ତରାୟ, ଅଭିନେତା ପ୍ରଦୀପ ବିଶ୍ୱାଳ, ସମାଜିକ କର୍ମୀ ପ୍ରମୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।















Blood Donation Camp
(Behind Keshari Talkies)
କଳାକାର ଦିବସ
24th July 2021
SINCE 2021
LET THE CHAOS BEGIN


NICNET
Dr.






BORN
TOBE
AWE
SOME
WINTER
ଓଡ଼ିଶା
HEALTH CAMP


















Susil Mishra

Joy jagannath. Mu covid re effect Thai kichhidina hela social media thu tike derei rahithili. Tebe ebe mu normal achhi.bahut khusilagila evali gote group mahat udeshya nei thia kareithibaru samastanku anek dhanyabad. Agaru bahu sanstha ame gadhiche . Hele ekata o Samanyoy abhabaru ame kichhi hasal kariparine. Mu mo kalakar bhaimananka sange sabubele rahiasichi au agaku rahithibi. Jetebele jou samayare mora abasyakata achhi mu samastanka sange achhi. 15:05

Kedar Mishra

ଆଜି ଓଡିଶା ର କଳାକାର ମାନେ ଗୋଟେ platform ତିଆରିକରି ଏତେ ସୁନ୍ଦର କଥାରେ ସବୁ ହେଲେ, ଦୁଃଖ ସୁଖ ବାଣ୍ଟିଲେ.. ଏଥିରେ ମୁଁ ବାସ୍ତବିକ ଅତ୍ୟନ୍ତ ଖୁସି.. ଧନ୍ୟବାଦ ଭାଇ ଭଉଣୀ ମାନଙ୍କୁ ଯେଉଁମାନେ ଏ ନିଷ୍ପତି ନେଇ ଆଜି ତାକୁ ସଫଳ ରୂପାୟନ ଦେଲେ.. ମୋ ମତ ରେ ମାନ ଅଭିମାନ କୁ ପଛରେ ପକେଇ ସମସ୍ତେ ଏକ ହେବାର ଏଇଟା ହିଁ ପ୍ରକୃଷ୍ଟ ସମୟ.. ଯଦି ଆମେ ଓଡିଶା ରେ ଏତେ ବଡ entertainment platform କୁ ବଞ୍ଚେଇ ପାରିଛେ.. ତାହାଲେ କାହିଁ ଆମର ହକ ପାଇଁ ଲଢେଇ କରିବାନି... ଆସ ସମସ୍ତେ ଏକ ହୁଅ ଆଉ ଏକଶ୍ୱର ରେ ଆମ ପରିବାର ପାଇଁ ଲଢେଇକର.. ଅଧିକାର କୁ ହାତକୁ ହାତ ମାଗିଆଣିବା ନଚେତ ଛଡ଼େଇ ଆଣିବାକୁ ବାଧ ହେବା... ଜୟ ଜଗନ୍ନାଥ 🌹 🙏 23:56

Bapi Ray

Thanks Bulu, Amar, Arpan and others for making a wonderful platform for raising the voice of the actors. It's a powerful platform and through this we can put our demands before the Government. I salute you all. It is the right time to fight for the right. All the actors should be united, because united we stand and devided we fall. Thanks again. 🙏 07:57







